visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.124 Bhubaneswar Tuesday June 28 2022 | ୨୫ତମ ବର୍ଷ ସଂଖ୍ୟା–୧୨୪ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୨୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଆତ୍ମହତ୍ୟା ପୂର୍ବରୁ ଥରେ ମଞ୍ଚେଶ୍ୱର ଥାନାକୁ ଯାଇଥିଲେ ରାଇମୋହନ



ଭୁବନେଶ୍ୱର, ୨୭ ।୬(ପି.ଏନ): ଭେଟ୍‌ରାନ୍ ଅଭିନେତା ରାଇମୋହନ ପରିଡା କାହିଁକି ଆତ୍ମହତ୍ୟା କଲେ? ବର୍ତ୍ତମାନ ସୁଦ୍ଧା ଏହା ଉପରୁ ପରଦ୍ଦା ଉଠି ନଥିବା ବେଳେ ଆଉ ଏକ କଥା ସାମ୍ନାକୁ ଆସିଛି, ଯାହା ପୂରା ଘଟଣାକୁ ଆହୁରି ରହସ୍ୟାବୃତ୍ତ କରି ଦେଇଛି। ଆତ୍ମହତ୍ୟା ପୂର୍ବରୁ ରାଇମୋହନ ଥରେ ମଞ୍ଚ ?ଶ୍ୱର ଥାନାକୁ ଯାଇଥିଲେ। ହେଲେ କାହିଁକି? ତାହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡି ନାହିଁ।ରାଇମୋହନ ଥାନାକୁ ଯିବା ନେଇ ସୂଚ୍‌ନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ହେଲେ ସେ କାହିଁକି ଥାନାକୁ ଯାଇଥିଲେ, ସେ ସମ୍ପର୍କରେ ଡିସିପି କିଛି କହି ନାହାନ୍ତି। ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନରେ ସେ କହିଛନ୍ତି, ବ୍ୟକ୍ତିଗତ କାମ ପାଇଁ ରାଇମୋହନ ପରିଡା ଥାନାକୁ ଯାଇଥିଲେ। ତା' ସହିତ ଏହାର(ଆତ୍ମହତ୍ୟାର) କିଛି ସମ୍ପର୍କ ନାହିଁ। ସେ କେଉଁ କାରଣରୁ ଥାନାକୁ ଆସିଥିଲେ, ସେ ବିଷୟରେ କହିପାରିବୁ ନାହିଁ।ଡିସିପି ଆହୁରି କହିଛନ୍ତି ଯେ ରାଇମୋହନ ଡ୍ରିପେସନ୍‌ରେ ଥିବା ପରି ତଦନ୍ତରୁ ଜଣାପଡିଛି। ତେବେ ସେ ଡିପ୍ରେସନରେ ଥିବା ପଛର କାରଣ ସଂପର୍କରେ ତାଙ୍କ ପରିବାର ଲୋକେ ନିର୍ଦ୍ଦିଷ୍ଟ ଭାବେ କିଛି କହିପାରୁ ନାହାନ୍ତି।ଏଠି ପ୍ରଶ୍ନ ଉଠୁଛି, କ'ଣ ସେହି ବ୍ୟକ୍ତିଗତ କାରଣ ସତରେ କ'ଣ ସେହି କାରଣ ସହିତ ତାଙ୍କ ଆତ୍ମହତ୍ୟାର କିଛି ସଂପର୍କ ନାହିଁ? ସେହି ବ୍ୟକ୍ତିଗତ କାରଣ ସହିତ ଡିପ୍ରେସନ୍‌ର କିଛି ଲିଙ୍କ୍ ଥିଲା କି ନାହିଁ? ଅନ୍ୟପକ୍ଷରେ ରାଇମୋହନଙ୍କ ଆତ୍ମହତ୍ୟାର କାରଣ ପାରିବାରିକ ଗଣ୍ଡଗୋଳ ନା ଅନ୍ୟକିଛି, ଏପରି ନାନା କଳ୍ପନାଜଳ୍ପନା ଲାଗି ରହିଛି।ଡିସିପି କହିଛନ୍ତି, ମଞ୍ଚେଶ୍ୱର ଆଇଆଇସିଙ୍କ ଦ୍ୱାରା ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି। ପରିବାର, ପଡୋଶୀ, ଡ୍ରାଇଭର ଓ ପରିଚ୍‌ିତ ଲୋକଙ୍କୁ ପଚ୍‌ରାଉଚ୍‌ରା କରାଯାଇଛି। ମୃତ୍ୟୁ ପୂର୍ବରୁ ରାଇମୋହନଙ୍କ ବ୍ୟବହାର କେମିତି ଥିଲା ତାଙ୍କ କଥାବାର୍ତ୍ତା କେମିତି ଥିଲା? ଏମିତି ଅନେକ ପ୍ରଶ୍ନ ପଚ୍‌ରାଯାଉଛି। ଏହାଛଡା ସାଇଣ୍ଟିଫିକ୍ ତଦନ୍ତ ମଧ୍ୟ ଚ୍‌ାଲୁଛି। ରାଇମୋହନଙ୍କ ଫୋନ ଜବତ କରାଯାଇଛି। ସେଥିରୁ କିଛି ସୁରାକ ମିଳିପାରେ ବୋଲି କହିଛନ୍ତି। ପୋଷ୍ଟମର୍ଟମ ରିପୋର୍ଟ ଆସିଲେ, ମୃତ୍ୟୁର କାରଣ ଅଧିକ ସ୍ପଷ୍ଟ ହେବ। ରାଇମୋହନ ପରିଡା ହେଉଛନ୍ତି ଜଣେ ମଲ୍‌ଟି ଟ୍ୟାଲେଣ୍ଟେଡ୍ ଅଭିନେତା। ସେ କେବଳ ଓଲିଉଡ୍‌ରେ ସକ୍ରିୟ ନଥିଲେ। ଟିଭି ସିରିଏଲ୍ ଓ ଯାତ୍ରା ଇଣ୍ଡଷ୍ଟ୍ରୀରେ ବ୍ୟସ୍ତ ଥିଲେ। ଯାତ୍ରାରେ ଅଭିନୟ ସହିତ ନିର୍ଦ୍ଦେଶନା ଦେଉଥିଲେ। ତାଙ୍କ ନାଁରେ ମଞ୍ଚ ପାଖକୁ ଭିଡି ହୋଇ ଆସୁଥିଲେ ଦର୍ଶକ। ରାତି ରାତି ଅନିଦ୍ରା ରହି ଦେଖୁଥିଲେ ନାଟକ। ଏଥିପାଇଁ ତାଙ୍କୁ ଭଲ ପାରିଶ୍ରମିକ ମିଳୁଥିବା ଆଲୋଚ୍‌ନା ହେଉଛି। ଏପରି ଜଣେ ସଫଳ ଅଭିନେତା କାହିଁକି ଅବସାଦରେ ରହିଲେ? ତାହା ଏବେ ସନ୍ଦେହ ଘେରରେ ରହିଛି।

## ରଥଯାତ୍ରା ପାଇଁ ଜଳ-ସ୍ଥଳ-ଆକାଶପଥ ଜଗିବ ପୋଲିସ

### ୧୮୦ ପ୍ଲାଟୁନ ପୋଲିସ ଓ ପଂଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ପୁରୀ, ୨୭ ।୬(ପି.ଏନ): ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରାୟ ୧୫ଲକ୍ଷ ଶ୍ରଦ୍ଧାଳୁ ଯୋଗ ଦେବେ । ଏଥିପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଛି । ପୋଲିସ ସୁରକ୍ଷା ସମ୍ପର୍କରେ ଆଜି ଟାଉନହଲ ଠାରେ ଶେଷ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ପୋଲିସ ଡ଼ିଜି ସୁନୀଲ ବଂଶଲ ଅଧକ୍ଷତା କରି କହିଲେ ରାଜ୍ୟ ପୋଲିସ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେବ । ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ସ୍ୱତନ୍ତ୍ର ମାଇକ୍ରୋ ପ୍ଲାନ କରାଯାଇଛି । କଂଟ୍ରୋଲ ରୁମ ମାଧ୍ୟମରେ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରିତ କରାଯିବ । ନବଯୌବନ ଦର୍ଶନ, ଶ୍ରୀଗୁଣ୍ଡିଚାଯାତ୍ରା, ସଂଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଓ ସୁନାବେଶ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯିବ । ଆଇଜି ଅମିତାଭ ଠାକୁର ଟ୍ରାଫିକ ପରିଚାଳନା ଦାୟୀତ୍ୱରେ ରହିଛନ୍ତି । ପାଂଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ ।ସୁରକ୍ଷା ବ୍ୟବସ୍ଥାରେ ୧୮୦ ପ୍ଲାଟନ ପୋଲିସ ମୁତୟନ ହେବେ । ଟେକ୍ନିକାଲ ୟୁନିଟ୍ ,ବମ୍ ଡ଼ିସ୍ପୋଜାଲ ସ୍କ୍ୱାର୍ଡ଼, ତଟ ସୁରକ୍ଷା ବାହିନୀ,ଗୋଇନ୍ଦା ପୋଲିସ, ଡ଼ଗ୍ ସ୍କ୍ୱାର୍ଡ଼, ହାଇପାୱାର ସ୍କାନର ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ମନ୍ଦିର ଭିତର,ବାହାର,ସହର ଭିତର ଓ ସହର ବାହାର ସମେତ ସମୁଦ୍ରତଟ ପୋଲିସ ଜଗିବ । ସ୍ୱତନ୍ତ୍ର ହାଇପାୱାର ବାଇନାକୁଲାର ଦ୍ୱାରା ଆକାଶପଥ ଓ ଜଳପଥକୁ ନିରୀକ୍ଷଣ କରାଯିବ । ବଡ଼ଦାଣ୍ଡକୁ ୧୦ଟି ଜୋନ ଓ ୨୯ଟି ସେକ୍ଟରରେ ବିଭକ୍ତ କରାଯାଇ ପୋଲିସ ମୁତୟନ ହେବେ । ଟ୍ରାଫିକ ବ୍ୟବସ୍ଥାକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ନବଯୌବନ ଦର୍ଶନ ,ଉଭାଯାତ୍ର ଓ ଶ୍ରୀଗୁଣ୍ଡିଚା ଯାତ୍ରା । ଦ୍ୱିତୀୟ ପର୍ଯ୍ୟାୟରେ ସଂଧ୍ୟା ଦର୍ଶନ ଓ ବାହୁଡ଼ା ଯାତ୍ରା । ତୃତୀୟ ପର୍ଯ୍ୟାୟରେ ସୁନାବେଶ ଓ ନିଳାଦ୍ରି ବିଜେ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ହୋଇଛି । ଟ୍ରାଫିକ ବ୍ୟବସ୍ଥାକୁ ସିସିଟିଭି ଦ୍ୱାର ଡ଼ିଜିଟାଲ ରୁଟ ପ୍ଲାନ ଦ୍ୱାରା ନିୟନ୍ତ୍ରିତ କରାଯିବ । ସହରରେ ୮ଟି ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର ଓ କୋଣାର୍କ ପଟୁ ଆସୁଥିବା ଯାନବାହାନ , ମାଳତିପାଟପୁର ଓ ତାଳବଣିଆରେ ରହିବେ । ବ୍ରହ୍ମଗିରି ଆଡୁ ଆସୁଥିବା ଯାନବାହନ ଗୁଡ଼ିକ ଜଗନ୍ନାଥବଲ୍ଲଭ ,ବ୍ଲୁ ଫ୍ଲାଗ୍ , ନୀଳାଚଳ ଅଶୋକ ଓ ଯାତ୍ରୀକାରେ ପାର୍କିଂ କରିବେ । ପହଣ୍ଡି, ରଥଟଣା, ଜନଗଂଳି ନିୟନ୍ତ୍ରଣ, ଭିଆଇପି ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା ପାଇଁ ଅଭିଜ୍ଞ ହଜାରେ ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି । ବୈଠକରେ ଆଇଜି, ଆର.କେ.ଶର୍ମା, ନରସିଂହ ଭୋଳ, ଏସପି କେ.ବିଶାଲ ସିଂହ, ରେଳବାଇ ଏଡ଼ିଜି ସୁଧାଂଶୁ ଷଡ଼ଙ୍ଗୀ,ଉମାଶଙ୍କର ଦାଶ,ସତ୍ୟପ୍ରିୟ ଭୋଇ,ଦେବଦତ ସିଂହ,ସଞ୍ଜୀବ ପଣ୍ଡା,ଜୟନାରାୟଣ ପଙ୍କଜ, ଅନିରୁଦ୍ଧ ସିଂହ, ସ୍ପେଶାଲ ବ୍ରାଂଚ ଡ଼ିଆଇଜି ଅନନ୍ତ କୁମାର ସାହୁ,ରେଳ ସୁରକ୍ଷା ଡ଼ିଆଇଜି ପି.ଭି.ଏସ ସାନ୍ତାରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ଗ୍ରାମ୍ ରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ, ଜଣେ ଗିରଫ

କନ୍ଧମାଳ, ୨୭ ।୬(ପି.ଏନ): ଫୁଲବାଣୀ ଟାଉନ ଥାନା ପୁଲିସ ୩ ଗ୍ରାମ୍ ରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ କରିବା ସହ ଘଟଣାରେ ଜଣକୁ ଗିରଫ କରିଛି । ଖୋର୍ଦ୍ଧା ଅଂଚଳରୁ ଫୁଲବାଣୀକୁ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ହାତରେ ଧରାପଡିଛି । ସ୍ଥାନୀୟ ପେଞ୍ଜିସାହି ନିକଟରେ ପୋଲିସ ଗାଡିକୁ ଅଟକାଇ ଯାଂଚ୍ ବେଳେ ଗୋଟିଏ ଜରି ପୁଡିଆରେ ଥିବା ୩.୫୯୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଅଭିଯୁକ୍ତ ଠାରୁ ଏହି ପଲସର ବାଇକ୍ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ସ୍ଥାନୀୟ ଫରେଷ୍ଟ କଲୋନୀ ନିକଟରେ ରହୁଥିବା ସପନ ମହାପାତ୍ର (୨୫) ବୋଲି ଜଣାପଡିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ। ସୂଚନା ଅନୁଯାୟୀ, ସପନ ଆଜି ଖୋର୍ଦ୍ଧା ଅଂଚଳରୁ ଏହି ବ୍ରାଉନସୁଗର ନେଇ ଫୁଲବାଣୀକୁ ଏକ ବାଇକ୍ (ଓ.ଡି.୧୨ଏ-୪୧୧୪ ଯୋଗେ ଆସୁଥିବା ନେଇ ଫୁଲବାଣୀ ଟାଉନ୍ ଥାନା ପୋଲିସ ଖବର ପାଇବା ପରେ ପୋଲିସ ସ୍ଥାନୀୟ ପେଞ୍ଜିସାହି ଠାରେ ଆଜି ଭୋର ରୁ ପହଂଚି ତପନକୁ ଅପେକ୍ଷା କରିଥିଲା। ଭୋର ପ୍ରାୟ ୫ ଟା ସମୟରେ ସେ ସେଠାରେ ପହଂଚିବା ପରେ ତାକୁ ଅଟକାଇ ତଲାସି ନେଇଥିଲା ପୋଲିସ । ତା ଠାରୁ ଗୋଟିଏ ଛୋଟ ଜରି ପୁଡିଆରେ ଏହି ବ୍ରାଉନ ସୁଗାର ଜବତ କରିବା ସହ ତା'ର ବାଇକ୍ ମଧ ଜବତ କରିଛି । ତପନକୁ ଗିରଫ କରିଛି ପୋଲିସ୍।

## ମେଡିକାଲରୁ କାନ୍ଧରେବୁହାହେଲା ଶବ : ଲମତାପୁଟରେ ସ୍ୱର୍ଗ ରଥ କେବେ ?

ଜୟପୁର, ୨୭ ।୬(ପି.ଏନ): ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର , କୋରାପୁଟ ଜିଲ୍ଲା ଉପାନ୍ତ ଲମତାପୁଟ ବ୍ଲକ ରେ ଫେରିଲା ଧାନ ମାଝୀ ଘଟଣା। ମେଡିକାଲ ରୁ କାନ୍ଧରେ ଧରି ଶବ ଗ୍ରାମକୁ ନେଇଛନ୍ତି ସମ୍ପର୍କୀୟ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଆଶାକିରଣ ମେଡିକାଲ ନିକଟରେ। ପଡେଣ୍ଡା ଗ୍ରାମର ୭୦ବର୍ଷୀୟ ବୁଦୁ ମାଝୀ ଅଠାତ ଅସୁସ୍ଥ ହେଇ ପଡିବାରୁ ଆଶାକିରଣ ମେଡିକାଲକୁ ନେଇଥିଲେ। ମେଡିକାଲ ରେ ଭର୍ତି କରିବା ସଙ୍ଗେ ସଙ୍ଗେ ବୁଦୁ ର ଜୀବନ ଚାଲିଯାଇଥିଲା। ସମ୍ପର୍କୀୟମାନେ ଶବ ନେବା ପାଇଁ ଗାଡ଼ି ଖୋଜି ଥିଲେ। ଗାଡ଼ି ନମିଳିବାରୁ ଚାରିଜଣ ସମ୍ପର୍କୀୟ ଶବକୁ କାନ୍ଧରେ କାନ୍ଧେଇ ଚାଲିଚାଲି ୪ କିଲୋମିଟର ରାସ୍ତା ଅତିକ୍ରମ କରି ନିଜ ଗ୍ରାମକୁ ନେଇଥିଲେ । ଅଞ୍ଚଳରେ ଏକମାତ୍ର ଶବ ବୁହା ଘରୋଇ ଆମ୍ବୁଲାନ୍ସ ରହିଛି କିନ୍ତୁ ଅନେକ ସମୟରେ ଆମ୍ବୁଲାନ୍ସ ପାଇବା କଷ୍ଟ ହେଇଯାଉଛି । ଆଶାକିରଣ ମେଡିକାଲ ପ୍ରତି ଅଞ୍ଚଳ ବାସୀ ସମେତ ମାଲକାନଗିରି ଓ ଆନ୍ଧ୍ରପ୍ରଦେଶ ରୁ ପ୍ରତିଦିନ ଅନେକ ରୋଗୀ ଆସୁଛନ୍ତି । ମେଡିକାଲ୍ ରେ ରୋଗୀର ମୃତ୍ୟୁ ହେଲେ ମେଡିକାଲ ର ସ୍ୱତନ୍ତ୍ର ଆମ୍ବୁଲାନ୍ସ କି ସରକାରୀ ଶବ ବୁହା ଆମ୍ବୁଲାନ୍ସ ନଥିବା ଯୋଗୁଁ ମେଡିକାଲରୁ ଶବ ନେବାପାଇଁ ସମ୍ପର୍କୀୟ ଅନେକ ଅସୁବିଧାର ସମୁଖୀନ ହେଉଛନ୍ତି କିନ୍ତୁ ଏଥିପ୍ରତି ସ୍ଥାନୀୟ ଜନପ୍ରତିନିଧି କି ପ୍ରଶାସନ ର ଦୃଷ୍ଟି ପଡୁନାହିଁ। କେବେ ଆଖି ଖୋଲିବ ଜନପ୍ରତିନିଧି ଓ ପ୍ରଶାସନକୁ ? ଲମତାପୁଟ ରେ କେବେ ପହଞ୍ଚିବ ସ୍ୱର୍ଗ ରଥ ? ମେଡିକାଲରୁ ଶବ ନେବାରେ କେବେ ଉପକୃତ ହେବେ ଅଞ୍ଚଳ ବାସୀ ? ଆଗକୁ ଅପେକ୍ଷା ରହିଲା ।

## ଭକ୍ତଙ୍କ ଦର୍ଶନ ଓ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ : ପୋଲିସ ଡିଜି

ପୁରୀ, ୨୭ ।୬(ପି.ଏନ): ଜୁଲାଇ ୧ ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଚଳିତ ବର୍ଷ ଭକ୍ତଯୁକ୍ତ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରକୁ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିବାର ସମ୍ଭାବନା ରହିଛି । ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ । ଏଥିପାଇଁ ଆଜି ରାଜ୍ୟ ପୋଲିସ ଡିଜି ସୁନିଲ ବଂଶଲଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ପର୍କରେ ଗଣମାଧକୁ ସୂଚନା ଦେଇ ଶ୍ରୀ ବଂଶଲ କହିଛନ୍ତି ଯେ, ଭକ୍ତଙ୍କ ଦର୍ଶନ ଓ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ । ରଥଯାତ୍ରାକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଯେମିତି ଭଲ ଅନୁଭୂତି ନେଇ ଶ୍ରୀକ୍ଷେତ୍ରରୁ ଫେରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ।

## ଜୁଲାଇ ୩୧ ଯାଏଁ ବସ୍ ଧର୍ମଘଟ ସ୍ଥଗିତ




ଭୁବନେଶ୍ୱର, ୨୭ ।୬(ପି.ଏନ): ବସ୍ ଧର୍ମଘଟ ସ୍ଥଗିତ। ଜୁଲାଇ ୧ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ଓଡିଶା ବସ୍ ମାଲିକ ସଙ୍ଘ। ବସ୍ ଧର୍ମଘଟ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛି ସଙ୍ଘ। ଏନେଇ ଚେତାବନୀ ଦେଇଛି ବସ୍ ମାଲିକ ସଙ୍ଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ। ରଥଯାତ୍ରାକୁ ଦେଖି ବସ୍ ଧର୍ମଘଟ ସ୍ଥଗିତ ରଖିଛି ସଙ୍ଘ।ଶ୍ରୀ ସାହୁଙ୍କ କହିବା ଅନୁସାରେ ଜୁଲାଇ ସୁଦ୍ଧା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଅପିଲ କରୁଛି ସଙ୍ଘ। ଯଦି ସରକାର ଜୁଲାଇ ମାସ ସୁଦ୍ଧା ଦାବି ପୂରଣ ନ କରନ୍ତି, ତାହାହେଲେ ଅଗଷ୍ଟରେ ପୁଣି ଧର୍ମଘଟକୁ ଓହ୍ଲାଇବ ବସ୍ ମାଲିକ ସଂଘ। ରଥଯାତ୍ରାକୁ ଆଖିଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ସେପଟେ ବିଭାଗୀୟ ମନ୍ତ୍ରୀ ମଧ ଧର୍ମଘଟକୁ ସ୍ଥଗିତ ରଖିବାକୁ ସଙ୍ଘକୁ ପୂର୍ବରୁ ଅପିଲ କରିଥିଲେ ବୋଲି ଶ୍ରୀ ସାହୁ କହିଥିଲେ।

## କ୍ଷମତା ଯନ୍ତ୍ରଣାରେ ଅସହ୍ୟ ଉଦ୍ଧବ, ଚ୍‌ାହିଁଲେ ବି ଛାଡି ପାରୁ ନାହାନ୍ତି



ମୁମ୍ବାଇ, ୨୭ ।୬(ପି.ଏନ): ମଣିଷ ଉପଭୋଗ କରୁଥିବା ସମସ୍ତ ବ୍ୟବହାର୍ଯ୍ୟ ଜିନିଷ ଠାରୁ କ୍ଷମତାର ସ୍ୱାଦ ନିଆରା। ଏହି କ୍ଷମତା ପାଇଁ କେତେ ରକ୍ତପାତ ପୁଣି କେତେ ସଂଘର୍ଷ ଘଟିଛି ତାର ହିସାବ ନାହିଁ। ହେଲେ ଏହି କ୍ଷମତାର ଚୌକି ଯେବେ କଣ୍ଟା ସାଜି ଗଳାରେ ଲାଗେ ନା ତାକୁ କାଢ଼ି ହୁଏ ନା କି ହୁଏ। କେବଳ ଯନ୍ତ୍ରଣାରେ ଛଟପଟ ହେବା ଛଡା ବାଟ କିଛି ନଥାଏ। ଠିକ୍? ଏମିତି କିଛି ଦୁର୍ଘଟଣା ଘଟିଛି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ କ୍ଷେତ୍ରରେ। ନିଜ ଦଳର ଏକାଧିକ ବିଧାୟକ ଯେତେବେଳେ ମିର୍ଜାଫର ସାଜିଛନ୍ତି ଉଦ୍ଧବଙ୍କ ଗାଦି ଏବେ ଟଳମଳ। ଆଉ ସିଂହାସନ ଯିବା ଆଗରୁ ସେ ଏହାକୁ ପରିତ୍ୟାଗ କରିବାକୁ ଚ୍‌ାହୁଁଥିଲେ ମଧ ଛାଡିପାରୁ ନାହାନ୍ତି। ଅର୍ଥାତ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପାଇଁ ବାରମ୍ବାର ଉଦ୍ୟମ କରୁଥିଲେ ମଧ ତାହା ଶେଷ ମୁହୂର୍ତ୍ତରେ ଅଟକି ଯାଉଛି।ଏହି କ୍ରମରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଟଳିବାର ନାଁ ଧରୁ ନଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଉଦ୍ଧବ ଠାକରେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ବିଦ୍‌ରୋହୀ ପକ୍ଷ ଦିନକୁ ଦିନ ଅଧିକ ଶକ୍ତିଶାଳି ହେଉଥିବାରୁ ସରକାର ବଞ୍ଚାଇବା ଆଶା କ୍ଷୀଣ ହୋଇପଡିଛି। ତେଣୁ ସରକାରର ଭାଙ୍ଗିବା ପୂର୍ବରୁ ନିଜ ଆତ୍ମ ସମ୍ମାନକୁ ଜଗି ଆଜି ଉଦ୍ଧବ ଠାକରେ ୨ ଥର ଇସ୍ତଫା ଦେବାକୁ ଉଦ୍ୟମ କରିଥିଲେ। ହେଲେ ୨ ଥର ଯାକ ତାଙ୍କୁ ସହଯୋଗୀ ଦଳ ଏହି ପଦକ୍ଷେପ ନେବାକୁ ବାରଣ କରିଥିଲେ। ବିଶେଷ ସୂତ୍ରରୁ ଏହି ସୂଚ୍‌ନା ମିଳିଛି। ମେଣ୍ଟଦଳରେ ଥିବା ବରିଷ୍ଠ ନେତାମାନେ ଇସ୍ତଫା ଦେବାକୁ ମନା କରିଥିଲେ ।ଏହା ପୂର୍ବରୁ ଗତ ଜୁନ୍ ? ୨୧ ତାରିଖରେ ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। କାରଣ ଏହି ଦିନ ଆରମ୍ଭ ହୋଇଥିଲା ବିଦ୍‌ରୋହର ପର୍ବ। ବିଦ୍‌ରୋହୀ ପକ୍ଷର ନେତା ସାଜିଥିବା ଏକନାଥ ସିନ୍ଦେ ୨୧ ଜଣ ସମର୍ଥକ ବିଧାୟକଙ୍କୁ ଧରି ସୁରଟ ଚ୍‌ାଲିଯାଇଥିଲେ। ଯେଉଁଠି ଏବେ ବିଜେପି ସରକାର ରହିଛି। ଏହି ଦିନ ଉଦ୍ଧବ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ସନ୍ଧ୍ୟା ୫ଟାରେ ସେ ଫେସବୁକ୍? ଲାଇଭ୍ ଷ୍ଟ୍ରିମିଂରେ ଆସି ଏ ସମ୍ପର୍କରେ ଘୋଷଣା କରିଥାନ୍ତେ। କିନ୍ତୁ ମେଣ୍ଟ ସରକାର ମହାବିକାଶ ଅଘାଡି ଦଳର ବରିଷ୍ଠ ନେତାମାନେ ତାଙ୍କୁ ବାରଣ କରିଥିଲେ। ପରଦିନ ପୁଣି ଥରେ ସମାନ ନିଷ୍ପତ୍ତି ନେଇଥିଲେ ଉଦ୍ଧବ । ଏମିତି କି ବିଦାୟକାଳୀନ ଅଫିସିଆଲ ବୈଠକ ମଧ ଡକାଇଥିବା ସୂଚ୍‌ନା ମିଳିଛି । କିନ୍ତୁ ବରିଷ୍ଠ ନେତାମାନଙ୍କ ପରାମର୍ଶକ୍ରମେ ତାଙ୍କୁ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ପଡିଥିଲା। କେତେ କସରତ କରି ଶାସନ ଗାଦି ପାଇଥିବା ଉଦ୍ଧବଙ୍କ ପାଇଁ ଏହା ଏବେ ଆରାମ ନୁହେଁ ଯନ୍ତ୍ରଣା ପାଲଟିଛି।

## ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୭ ।୬(ପି.ଏନ):ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ଜାରି ରହିଛି। ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୧୨ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଲକ୍ ଡାଉନ୍ ବେଳେ ସିରିଜ୍ ଶିକାର ! ଏସ୍‌ଆଇଟିକୁ ମିଳିଲା ଆଉ ଏକ ହାତୀ କଙ୍କାଳ



ଆଠଗଡ, ୨୭ ।୬(ପି.ଏନ) : ଆଠଗଡ ବନଖଣ୍ଡ ଅଞ୍ଚଳରେ ସିରିଜ୍ ହାତୀ ହତ୍ୟା ମାମଲାର ତଦନ୍ତ କରୁଥିଲା କ୍ରାଇମବ୍ରାଞ୍ଚ ୫ଞ୍ଜର। ଆଜି ଏହି ତଦନ୍ତ ବେଳେ ହଠାତ୍ ଆଉ ଏକ ହାତୀର କଙ୍କାଳକୁ ମାଟିତଳୁ ପାଇଛି STF । କଟକ ବଡ଼ମ୍ବା ବନାଞ୍ଚଳ ଗୋପପୁର ରେଞ୍ଜ ମଣ୍ଡପ ରିଜର୍ଭ ଜଙ୍ଗଲରୁ ଏହି ହାତୀ କଙ୍କାଳ ଠାବ ହୋଇଛି। ଏହି ହାତୀକୁ ମଧ ହତ୍ୟା କରାଯାଇଥିବା ସନ୍ଦେହ କରି STF ତଦନ୍ତ ଆଗେଇଛି। ପ୍ରାୟ ୨ ବର୍ଷ ତଳେ ଏହି ହାତୀ ମୃତ୍ୟୁ ହୋଇଥିବା ଅଶଙ୍କା କରାଯାଉଛି। ଆଜି କ୍ରାଇମବ୍ରାଞ୍ଚ STF ଟିମ ଆଠଗଡ ବନଖଣ୍ଡ ଅଧିକାରୀଙ୍କୁ ସାଙ୍ଗରେ ଧରି କଙ୍କାଳ ବାହାରି ଥିବା ୩ଟି ଜାଗା ବୁଲିବା ସହ ପଚ୍‌ରାଉଚ୍‌ରା କରିଥିଲେ। ଏହା ପରେ ଆଉ ଏକ ହାତୀ କଙ୍କାଳ ଠାବ କରିଥିଲେ। ଯାହା ଅଞ୍ଚଳରେ ଚ୍‌ାଞ୍ଚଲ୍ୟ ଖେଳାଇ ଦେଇଛି।କରୋନା ମହାମାରୀ ସମୟରେ ସମସ୍ତେ ମହାମାରୀ ଦମନ ଓ ଲକଡାଉନ, ସଟଡାଉନ୍‌ରେ ରହିଥିବା ବେଳେ ବନ ବିଭାଗର ଅଧିକାରୀଙ୍କ ସହଯୋଗରେ ବହୁ ସଂଖ୍ୟକ ହାତୀ ଶିକାର କରାଯାଇ ସେମାନଙ୍କ ଦାନ୍ତ ଓ ଗୁରୁତ୍ୱପୂର୍ଣ୍ଣ ଅଂଶ ଚୋରାଚ୍‌ାଲାଣ ହୋଇଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଗୁଇନ୍ଦା ଖବରକୁ ନେଇ ଏବେ ଖୋଳତାଡ ଚ୍‌ାଲିଛି।ସୂଚ୍‌ନା ଥାଉକି, ଗତ ୨ ଓ ୩ ତାରିଖରେ STF ଟିମ୍ ବଡମ୍ବା ଚ୍‌ନ୍ଦ୍ରଗିରି ଅଞ୍ଚଳରୁ ୨ଟି କଙ୍କାଳ ମାଟିତଳୁ ଖୋଳି ଠାବ କରିଥିଲା । ସେହିଭଳି ଆଠଗଡ DFO ୧୪ ତାରିଖରେ ବଡମ୍ବା ଜାନିପଦର ଅଞ୍ଚଳରୁ ଗୋଟିଏ କଙ୍କାଳ ଉଦ୍ଧାର କରିଥିଲେ। ଏହି ଘଟଣାରେ ପିସିସିଏଫ୍ ଶଶିପଲ ତଦନ୍ତ କରିବା ପାଇଁ STF ଟିମ୍ ଗଠନ କରିଥିଲେ।ଏମାନଙ୍କୁ ଶିକାର କରି ଦାନ୍ତ ଲୁଟିନେଇଛନ୍ତି ଲୁଟେରା। ଏଭଳି ସନ୍ଦେହ ସ୍ପଷ୍ଟ ହେବା ପରେ ବହୁ ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ ହୋଇଛି। ତେବେ ଏହାର ସବିଶେଷ ତଦନ୍ତ କରିବା ନିମନ୍ତେ କିଛି ଦିନ ଧରି ଜାରି ରହିଛି ହାତୀ ମୃତ୍ୟୁ ମାମଲାର STF ତଦନ୍ତ। ଆଠଗଡ଼ ଡିଏଫ୍‌ଓ, ଅନୁଗୁଳ ସର୍କଲର ସିସିଏଫ୍, କ୍ରାଇମବ୍ରାଞ୍ଚର ଜଣେ ଡିଏସ୍‌ପି ମିଳିତ ଭାବେ ତଦନ୍ତରେ ସାମିଲ ହୋଇଛନ୍ତି।ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି PCCF ଶଶି ପଲ୍। ସେ କହିଛନ୍ତି, ଏହି ଘଟଣାରେ ୩ଜଣ ଟ୍ରାକରଙ୍କ ସହ ରେଞ୍ଜର ଓ ଫରେଷ୍ଟରଙ୍କ ସମ୍ପୃକ୍ତ ରହିଛି। ୩ ଜଣ ଟ୍ରାକରଙ୍କୁ ଗିରଫ ବି କରାଯାଇଛି। ରେଞ୍ଜର ଓ ଫରେଷ୍ଟର ଫେରାର୍ ଅଛନ୍ତି। ଗିରଫ କରିବାକୁ ପ୍ରୟାସ ଚ୍‌ାଲିଛି। ଏମାନଙ୍କ ବିରୋଧରେ ଅପରାଧିକ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ଏହାଛଡ଼ା ଆଗାମୀ ଦିନରେ କେହି ଯେପରି ଏଭଳି କରିବେନି ସେ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ପିସିସିଏଫ୍।

## ଅଙ୍ଗନବାଡି ଗୃହ ନିର୍ମାଣ ସରିଲା, ଦୀର୍ଘ ୬ବର୍ଷ ମଧ୍ୟରେ ହସ୍ତାନ୍ତର ନୋହିଲା, ନୂତନ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବୀ

ଭଦ୍ରକ, ୨୭ ।୬(ପି.ଏନ): ସଭିଏ ପଢନ୍ତୁ ସଭିଏ ବଢନ୍ତୁ। ସର୍ବଶିକ୍ଷା ଅଭିଯାନରେ ସରକାର କୌଣସି ପରିସ୍ଥିତିରେ ଅଙ୍ଗନବାଡି ଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ କାହାରିଙ୍କୁ ପାଠର ଅନ୍ତର କରାଯିବ ନାହିଁ। ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷା ଦିଆଯିବ ,,ଶିକ୍ଷା ପାଇଁ ଭିତିଭୂମିର ବିକାଶ କରାଯିବ,ବୋଲି ସରକାର ଦେଉଥିବା ପ୍ରତିଶ୍ରୁତି ଆଜି ଏକ ପ୍ରହସନ ପାଲଟିଛି। ଏହା ର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚାନ୍ଦବାଲି ପଂଚାୟତ ସମିତି ଅଧିନ ଧାମରା ପଂଚାୟତ ଅଧିନସ୍ଥ ଗୁଆଁଳ ଗ୍ରାମର ୧୩ ନଂ ଓାର୍ଡଟି ହରିଜନ ଶ୍ରେଣୀର ଲୋକଙ୍କୁ ନେଇ ଗଠିତ। ଦୀର୍ଘ ଦିନ ହେବ ଏହି ଓାର୍ଡରେ ଅଙ୍ଗନବାଡି ଗୃହ ନଥିବା ବେଳେ ଅଙ୍ଗନବାଡି କର୍ମୀ ୩୮ଜଣ ଶିଶୁ ମାନଙ୍କୁ ନେଇ ବାର ଦୁଆର ଶୁଣ୍ଡି ପିଣ୍ଡା ହୋଇ ଶିକ୍ଷା ଦାନ କରାଉଛନ୍ତି। ୨୦୧୭ ମସିହାରେ ଏହି ହରିଜନ ଲୋକଙ୍କ ପାଇଁ ଚାନ୍ଦବାଲି ବିଡିଓ ଏକ ଅଙ୍ଗନବାଡି ଗୃହ ନିର୍ମାଣ କରିବାକୁ ଆଦେଶ ଦେଲେ। ୫ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ବରାଦରେ ଏହି ଗୃହ ନିର୍ମାଣ କରାଗଲା। ୨୦୧୮ ମସିହା ମାର୍ଚ ମାସରେ ଏହି ଗୃହ ନିର୍ମାଣ ସରିଥିଲା। ଦୀର୍ଘ ୫ବର୍ଷ ହେବ ଏହି ଅଙ୍ଗନାବଡି ଗୃହ ଆଜି ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତରିତ ହୋଇ ପାରି ନାହିଁ। ଫଳରେ ଆଜି ପର୍ଯ୍ୟନ୍ତ ୩୮ ଜଣ କୋମଳମତି ଶିଶୁ ଗୁଆଁଳ ଗ୍ରାମରେ ଦୀର୍ଘ ଦିନ ହେବ ଭାଙ୍ଗିରୁଜି ଯାଇ ଅବହେଳିତ ହୋଇ ପଡିଥିବା ଭାବେଶ୍ୱର ନୋଡାଲ ବିଦ୍ୟାଳୟର ବାରଣ୍ଡାରେ ବସି ଅଧ୍ୟୟନ କରି ଆସୁଛନ୍ତି। ଏହି ବିଦ୍ୟାଳୟର ଛାତ ଭାଙ୍ଗି ଯାଇଥିଲେ ମଧ୍ୟ କେଉଁ ପରିସ୍ଥିତିରେ ଏବଂ କେତେବେଳେ ଅଘଟଣ ନ ଘଟିବ ତାହା କହିବା ଅବଶମ୍ଭାବୀ ହୋଇ ପଡିଛି। କେଉଁ ପରିସ୍ଥିତିରେ ଏହା ହସ୍ତାନ୍ତରିତ ହୋଇପାରିନାହିଁ ଏବଂ ବିଭାଗୀୟ ଅଧିକାରୀ କଣ ପଦକ୍ଷେପ ନେଇ ଛନ୍ତି ବୋଲି ଚାନ୍ଦବାଲି ଠାରେ ଅବସ୍ଥାପିତ ସିଡିପିଓ ଙ୍କୁ ପଚାରିବାରୁ ସେ କୁହନ୍ତି ଗୃହ ନିର୍ମାଣ କାର୍ଯ୍ୟ ଚାନ୍ଦବାଲି ବିଡିଓଙ୍କର ସେ ନିର୍ମାଣ କରିସାରିବା ପରେ ଆମକୁ ହସ୍ତାନ୍ତରିତ କରିବା ଜରୁରୀ ,ଏଥିପାଇଁ ସେ ବିଡିଓଙ୍କୁ ବହୁବାର ଚିଠି କରିବା ପରେ ମଧ୍ୟ ଫଳ ଶୂନ ବୋଲି ଉତର ରଖିଥିଲେ। କେଉଁ ପରିସ୍ଥିତିରେ ଏକ ଭଙ୍ଗା ବିଦ୍ୟାଳୟର ଭଙ୍ଗା ବାରଣ୍ଡାରେ ୩୮ଜଣ କୋମଳମତି ଶିଶୁଙ୍କୁ ନେଇ ଶିକ୍ଷାଦାନ ଚାଲିଛି ତାହା ତଦନ୍ତ ସାପେକ୍ଷ ହୋଇ ପଡିଛି।,ଏଥିପ୍ରତି ବିଭାଗୀୟ ଅଧିକାରୀ କଣ ପଦକ୍ଷେପ ନେଇଛନ୍ତ ବୋଲି ପଚାରିବାରୁ ସେ ଏହି ପ୍ରଶ୍ନକୁ ଏଡାଇ ଯାଇଥିଲେ। ଅନ୍ୟ ପକ୍ଷରେ ଚାନ୍ଦବାଲି ବିଡିଓ ଜ୍ୟୋତିବିକାଶ ଦାସଙ୍କୁ ପଚାରିବାରୁ ସେ ସବୁ ସମୟରେ ଆସନ୍ତା ଦିନ ମଧ୍ୟରେ ଏହି ଅଙ୍ଗନବାଡି ଗୃହ ନିର୍ମାଣ ଶେଷ କରି ହସ୍ତାନ୍ତରିତ କରିବେ ବୋଲି କହିବା ସହ ଏ ବିଷୟରେ ସଂପୃକ୍ତ ଜେଇ ଅମୀୟ କୁମାର ପଲେଇଙ୍କ ସହ ଯୋଗାଯୋଗ କରିବା ପାଇଁ କହିଥିଲେ। ଅନ୍ୟ ପକ୍ଷରେ ସଂପୃକ୍ତ କନିଷ୍ଠଯନ୍ତ୍ରୀ ଅମୀୟ କୁମାର ପଲେଇ ଏହି ଖବର ୨୦୨୧ ଜୁଲାଇ ୨୭ତାରିଖ ରେ ପ୍ରସାରଣ ପରେ ବିଭାଗୀୟ ଯନ୍ତ୍ରୀ କେବଳ ଏହି ଅଙ୍ଗନବାଡି କେନ୍ଦ୍ରର ତଳ ମେଜିଆ ନିର୍ମାଣ କରିବା ସହ ଏହି କେନ୍ଦ୍ରରେ ୨ଟି ଗୃହରେ ଝରକା ଏବଂ କବାଟ ଲଗାଇ ଥିଲେ। ମାତ୍ର ଏହି କାର୍ଯ୍ୟକୁ ଦୀର୍ଘ ୮ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଅଙ୍ଗନବାଡି କେନ୍ଦ୍ରରେ ରଙ୍ଗ ଦିଆ ଯାଇ ପାରୁ ନାହିଁ କି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇ ପାରୁ ନାହିଁ।ଆଜି ସଂପୃକ୍ତ ଓାର୍ଡର ବହୁ ହରିଜନ ମହିଳା ଏବଂ କୋମଳମତି ଶିଶୁ ଆସି ଏହାର ପ୍ରତିବାଦ ସ୍ୱରୂପ ଏହି ଗୃହ ନିର୍ମାଣ ଶେଷ କରି କୋମଳମତି ଶିଶୁଙ୍କ ଭାଗ୍ୟ ସହ ନଖେଳି ସଂପୃକ୍ତ ଗୃହକୁ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତରିତ କରିବା ପାଇଁ ଦାବୀ ଜଣାଇଛନ୍ତି। ଏଥିସହ ଏକ ଦାବୀ ପତ୍ର ଭଦ୍ରକ ରେ ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଙ୍କୁ ପତ୍ର ଲେଖି ଏହାର ତୁରନ୍ତ ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ଚାନ୍ଦବାଲି ବିଡିଓ ଏବଂ ଧାମରା ପଂଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ କଥାରେ ତାଳମେଳ ରହୁ ନଥିବା ବେଳେ କୌଣସି ଭରଷା ଏବଂ ବିଶ୍ୱାସ ନାହିଁ ବୋଲି କ୍ଷୋଭର ସଂପୃକ୍ତ ୧୩ ନଂ ଓାର୍ଡ ହରିଜନ ଶ୍ରେଣୀର ମହିଳା ମାନେ ମତ ପ୍ରକାଶ କରିଥିବା ବେଳେ ଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଏବଂ କେନ୍ଦ୍ରାଂଚଳ ରାଜସ୍ୱ କମିଶନରଙ୍କ ଅବଗତ ନିମନ୍ତେ ଲିଖିତ ଅଭିଯୋଗ ପଠାଇଛନ୍ତି।









# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ । ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଞ୍ଚାପୁରର ବଡଗାଁଓ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା । ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# "ତୁମେ ବି ମହଙ୍ଗା ହେଲ ?"

••••••••••ଅନାମିକା ଦାସ••••••••••



କରୋନା ମହାମାରିରେ ମୋ ଏକମାତ୍ର ପୁଅ କବଳିତ ହେଇଥିଲା, କିଛି ବାଟ ପାଇଲିନି, ମାନସିକ କରିଦେଲି ପ୍ରଭୁ ଜଗନ୍ନାଥଙ୍କ ପାଖରେ ମୁଁ ଜାତିରେ ଶବର, ଘର ମୋର କୋରାପୁଟର କୋଟପାଡରେ, ମୋ ଘରଠାରୁ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ୬୭ କି ୬୮ କିଲୋମିଟର ହେବ। ସରକାରଙ୍କ କଡା ଆଦେଶରେ ଗାଡି ମଟର ସବୁ ଠପ୍। ମା' ଛେଉଣ୍ଡ ଛୁଆଟା ମୋର, କରୋନାର କୁଆଡେ ଔଷଧ ନାହିଁ। କିନ୍ତୁ ମୋର ବଡ ଡାକ୍ତରଖାନା ଆଉ ବଡ ଡାକ୍ତର ହେଲେ ଜଗତର ନାଥ ଜଗନ୍ନାଥ। ଗାଁର ଗୋଟେ ପିଲାକୁ ଅନୁରୋଧ କରି ତା' ମଟରସାଇକେଲରେ ଗଲି କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର। ମନ୍ଦିରର ଦ୍ୱାର ତାଲା, ହେଲେ ଜଣେ ପୂଜକ ତାଙ୍କ ଆଡୁ ମୋ ପାଖକୁ ଆସି କହିଲେ, କ'ଣ ଦର୍ଶନ କରିବ କି? ଆସ....ମୁଁ ଚାଲିଲି ତାଙ୍କ ପଛରେ, ମନେ ମନେ ଭାବୁଥିଲି ପ୍ରଭୁ କେତେ ମହାନ ମୋ ମନ ଜାଣି ବ୍ୟବସ୍ଥା କରିଦେଲ, ପଶ୍ଚିମ ଦ୍ୱାର ପାଖରେ ଗଳା ବାଟ ଦେଇ ନେଇଗଲେ ଭିତରକୁ, ଭିତରେ ମୋ ଭଳି ଆଉ କିଛି ଦିଗହରା ଲୋକ ଶରଣ ପଶିଛନ୍ତି, ମୁଁ ବି ପ୍ରଭୁଙ୍କୁ ଦେଖି ସାଷ୍ଟାଙ୍ଗ ଦଣ୍ଡବତଟେ ପକେଇଲି। ଉଠିପଡି ପ୍ରଭୁଙ୍କୁ କହିଲି, ମୋ ପୁଅକୁ ସୁସ୍ଥ କରିଦିଅ ପ୍ରଭୁ, ମୁଁ ତ ଗରିବ ମୁଁ ବା କ'ଣ ଅର୍ପଣ କରିବି, ହେଲେ ପୁଅ ଭଲ ହେଇଗଲେ ମୁଁ ଏ ଶାବର ଶ୍ରୀକ୍ଷେତ୍ରରେ କଥା ଦଉଛି, ଶ୍ରୀକ୍ଷେତ୍ର ପୁରୀ ଯାଇ ମୋ ଯଥା ସଖ୍ୟ ପୂଜାଟେ କରିବି, ଆଉ ମହାପ୍ରଭୁଙ୍କ ପାଖେ କୃତଜ୍ଞତା ଜଣାଇବି । ଆଖି ଖୋଲିଲା ବେଳକୁ ମୋ ଦେହରେ ମନରେ ସତେ ଗୋଟେ ଶକ୍ତି ଆସିଯାଇଥିଲା, ସେ ପୂଜକଙ୍କ କହୁଣୀ ଠେସାରେ ତାଙ୍କଆଡେ ଚାହିଁଲି, ସେ ତୁଳସୀ ଟିକେ ମୋ ହାତକୁ ବଢ଼େଇ ଦେଇ, ବାକିତକ ଅଂଟାରେ ଖୋସିଲେ ଓ ତା'ପରେ କହିଲେ ହଉ ଦକ୍ଷିଣାଟା କାଢ଼। ମୁଁ ଛାତି ପକେଟରୁ ପଚାଶ ଟଙ୍କା କାଢ଼ି କହିଲି, ଭାଇନା ଠାକୁରଙ୍କ ପାଖେ ଦୀପଟେ ଦେଇ ବାକି ଆପଣ ରଖିବେ। ଭାବିଥିଲି ସେ ଖୁସି ହେଇଯିବେ, ହେଲେ ତାଙ୍କ ସେ ହସ ହସ ମୁହଁ ରାଗ ତମ ତମ ହେଇଗଲା। କହିଲେ କ'ଣ ଦୟା କରୁଛକି? ଶହେ କାଢ଼ ଆଉ ଜଲଦି ଏଠୁ ବିଦା ହୁଅ। ମୁଁ ପ୍ୟାଣ୍ଟ ପକେଟ ଅଣ୍ଡାଳି ଆଉ କୋଡିଏଟି ଟଙ୍କା ଦେଇ କହିଲି, ନନା ଆଉ ଗୋଟେ ଟଙ୍କା ବି ନାହିଁ। ଭାବିଥିଲି ଫେରିଲାବେଳେ ପୁଅ ଲାଗି ସେଓ... ଚୁପ୍ କର କହି ସେ ମୋତେ ଗଳା ଧକ୍କା ଦେବା ପରି ବାହାରକୁ ପେଲିଦେଲେ। ତଥାପି ପ୍ରଭୁଙ୍କ ଭଲ ଦର୍ଶନଟେ ପାଇ ଆତ୍ମସନ୍ତୋଷରେ ମନେ ମନେ କହିଲି ପ୍ରଭୁ ୟାଙ୍କୁ କ୍ଷମା କରିବେ। ଗାଁ ପିଲାଟି ସେମିତି ତା' ବାଇକ୍ ପାଖେ ଗଛ ତଳେ ଠିଆ ହେଇଥିଲା, ମତେ ଦେଖୁ ଦେଖୁ ଗାଡି ଷ୍ଟାର୍ଟ କଲା, କହିଲା ମଉସା ମୁଁ ଏ ଆଖପାଖ ଦେଖୁଥିଲି କିଛି ବି ଦୋକାନ ଖୋଲା ନାହିଁ, ନ ହେଲେ ଟିକେ ଜଳଖିଆ ଖାଇ ଯାଇଥା'ନ୍ତେ । ମୁଁ ମନେ ମନେ ହିସାବ କରୁଥିଲି ପକେଟରେ ସର୍ବମୋଟ ୧୭୫ ଟଙ୍କା ଥିଲା। ଆସିଲା ବେଳେ ତା' ବାଇକ୍‌ରେ ଶହେ ଟଙ୍କାର ତେଲ ପକେଇ ବାକି ପଂଚସ୍ତରୀ ଟଙ୍କା ଧରି ମନ୍ଦିର ଆସିଥିଲି, ଏବେ ପକେଟରେ ବାସ୍ ପାଂଚ ଟଙ୍କାର ଗୋଟେ କଏନ୍। ପ୍ରଭୁଙ୍କୁ ଡାକି ଚାଲିଥାଏ ରାସ୍ତାରେ ବି କିଛି ଦୋକାନ ଖୋଲା ନଥାଉ। ଆଉ ମହାପ୍ରଭୁ ମୋ ଡାକ ଶୁଣି ସେମିତି ହିଁ କଲେ, ଠିକ୍ ଗାଁ ପାଖ ହେଇଛୁ, ପୁଅଟି କହିଲା ମଉସା, ଏଇଠି କ୍ୟାବିନ୍‌ଟେ ଖୋଲା ଅଛି ମୁଁ ଗୋଟେ ଗୁଟ୍‌କା ପାଟିରେ ପକେଇ ଦିଏଁ, ଏତେ ବାଟ ଗାଡି ଚଲେଇ ବ୍ୟସ୍ତ ଲାଗିଲାଣି, ମୁଁ ସତେକି ସିଂହର ବଳ ପାଇଗଲି, କହିଲି ତୁ ଏଇଠି ଥା ପୁଅ ମୁଁ ମୋ ତୋ ଲାଗି ଆଣି ଦଉଛି, ଦୋକାନୀକୁ ପାଂଚ ଟଙ୍କା କଏନଟା ବଢ଼େଇ ବଡ ଦର୍ପରେ କହିଲି ବାବୁରେ ଗୋଟେ ଗୁଟ୍‌କା ଦେଲୁ.... ମନେ ମନେ କହୁଥିଲି ସବୁ ଲିଳାମୟଙ୍କ ଇଚ୍ଛା, ସେ ମୋ ମହତ ରଖିଦେଲେ, ଦୋକାନୀ ପଚାରିଲା କୋଉ ଗୁଟ୍‌କା ମଉସା... ତୁଳସୀ? ଧୀରେ ମୁଣ୍ଡ ହଲେଇ, ମୋ ଛାତି ପକେଟ୍‌ରେ ଜଗନ୍ନାଥଙ୍କ ପାଖରୁ ଆଣିଥିବା ଛଡା ତୁଳସୀଟାରେ ହାତ ବୁଲେଇ ଭାବିଲି ଧନ୍ୟ ହେ ପ୍ରଭୁ କାହିଁ ତମ ଅମୂଲ ମୂଲ ତୁଳସୀ ଆଉ କାହିଁ ଏ ମାଲ ମାଲ ଟଙ୍ଗା ହେଇଥିବା ଜହର ତୁଳସୀ। ଘରେ ପହଞ୍ଚି ପୁଅ ପାଟିରେ ପ୍ରଭୁଙ୍କ ତୁଳସୀ ଦେଇ କହିଲି ଦେଖ ରେ ଧନ ଏଥର ତୁ ଜଲଦି ଠିକ୍ ହେଇଯିବୁ। ପ୍ରଭୁକୃପାରେ ମୋ ପୁଅ ବି ପୁରା ଠିକ୍ ହେଇଗଲା। ମାସ ଗୋଟାଏରେ ସେ କାମ ଦାମ ବି କରିବାକୁ ଲାଗିଲା। ମନେ ମନେ ସବୁ ଘଡି ମହାପ୍ରଭୁଙ୍କୁ ଧନ୍ୟବାଦ ଦେଉଥାଏ। ପ୍ରଭୁ ଯେ ମୋ କଥା ରଖିଲେ, ମୁଁ ଜମା କୃତଘ୍ନ ହେବିନି, ଏମିତି ଏମିତି ଗୋଟେ ମାସ ହେଲା, ଟଙ୍କା ପନ୍ଦର ଶହ ଯୋଡି ବାହାରିଲି ଶ୍ରୀକ୍ଷେତ୍ର ପୁରୀ, ମହାବାହୁଙ୍କୁ ଟିକେ ଦର୍ଶନ କରି ମୋ ପୁଅର ଜୀବନ ରକ୍ଷା ଲାଗି ଧନ୍ୟବାଦ ଜଣାଇ ଆସିବି। ବେଶୀ ତ ଟଙ୍କା ନଥିଲା ତ ଗାଁ ପିଲା କୋରାପୁଟ ଟାଉନ୍ ଯାଉଥିଲା ତା ବାଇକ୍‌ରେ ମାଗଣା ଚାଲିଆସିଲି । ସାଥିରେ ବେଗ୍ ଟେ, ପାଣି ବୋତଲଟେ, ଆଉ ଘର ଅଗଣାରୁ ତୋଳିଥିବା ତୁଳସୀ ମେଂଚେ । ବସ୍ ପାଖରେ ପହଂଚିଲି, କଣ୍ଡକ୍ଟର ପଚାରିଲେ ମଉସା କୁଆଡେ! ବଡ ଆନନ୍ଦରେ କହିଲି ବାପାରେ ବସ୍‌ର ଶେଷ ଷ୍ଟପେଜ୍ ଯିବି। ଓଃ ପୁରୀ? ହଉ ସାତ ଶହ ଟଙ୍କା କାଢ଼। ସାତ ଶହ? ପକେଟ୍‌ରେ ହାତ ରଖି ହିସାବ କଲି ଯିବା ଆସିବା ତ ଚଉଦ ଶହ ହେଇଯିବ, ରାତି ବସ୍, ପୁଣି ମନ୍ଦିର ପୂଜା ଆଉ ରାତି ଯାଏଁ ପୁରୀ ସହରରେ ରହିବାକୁ ହବ, କହିଲି ବାପାରେ ମୁଁ ଗରିବ ଲୋକ ଏତେ ଟଙ୍କା ଦେଇପାରିବିନି, ଟଙ୍କା ଦୁଇଶହ ହେଲେ ହୁଅନ୍ତାନି? କଣ୍ଡକ୍ଟରଟି ଜମା ରାଗିଲାନି, କହିଲା ମଉସା ହେ ସେ ରାସ୍ତା ଆରପଟେ ଟାଉନ ବସ୍ ମିଳିଯିବ, ସେଥିରେ ଦଶ ଟଙ୍କା ଦେଇ ଷ୍ଟେସନ ପଳା, ଟ୍ରେନ୍‌ରେ ମାଗଣାରେ ଭୁବନେଶ୍ୱରରେ ଓହ୍ଲେଇ ଲୋକାଲ ଟ୍ରେନ୍‌ରେ ପୁରୀ। ତମ ଦୁଇଶହ ବି ଖର୍ଚ୍ଚ ହେବନି। ମନେ ମନେ ଭାବିଲି ଏ ସବୁ ଲୀଳାମୟଙ୍କର ଲୀଳା, ସେ ହିଁ ବାଟ ଦେଖାଉଛନ୍ତି । ବସ୍ ଚଢ଼ି ଷ୍ଟେସନ ଗଲି, ଆଉ ଅଧଘଂଟା ଅପେକ୍ଷାରେ ହିଁ ଟ୍ରେନ ବି ଆସିଗଲା । ଗୋଟେ ବଗିରେ ଚଢ଼ିଲି ଟ୍ରେନ୍ ଚାଲିଲା କି ନାହିଁ କଳା କୋଟ ପିନ୍ଧା ଟି.ଟି. ଆସିଗଲେ, ଟିକେଟ୍ ଦେଖା ମଉସା, କୁଆଡେ ଯିବ? ମୁଁ ଡରି ଡରି କହିଲି ଆଜ୍ଞା ଟିକେଟ୍ କରିନି, ଟ୍ରେନ୍ ଆସିଗଲା ତ ଚଢ଼ିଗଲି, ପୁରୀକୁ ଯିବି, ହେଇ ଦେଖୁନ ତୁଳସୀ ନେଇ ଯାଉଛି କହି ବ୍ୟାଗଟି ଦେଖେଇଲି। ସେ ଟି.ଟି. ବି ଯେମିତି ମୋ ପ୍ରଭୁଙ୍କ କଥା ବୁଝିପାରି କହିଲେ ମଉସା ଏଟା ରିଜର୍ଭ ବଗି, ଆଗ ଷ୍ଟେସନରେ ଓହ୍ଲେଇ ଜେନେରାଲ ବଗିକୁ ପଳେଇବ, ହଉ ଟଙ୍କା ପଚାଶଟା ଦିଅ । ମୁଁ ବଡ ଖୁସିରେ ପଚାଶ ଟଙ୍କା ଦେଇ ପୁଣି ମୋ ପ୍ରଭୁଙ୍କୁ ଧନ୍ୟବାଦ ଦେଲି କି ମୋ ପକେଟ ଅନୁଯାୟୀ ସେ ବାଟ କରି ଦଉଛନ୍ତି। ପରେ ଷ୍ଟେସନରେ ଦଉଡି କି ଜେନେରାଲ ବଗିରେ ଚଢ଼ିଲି, ରାତି ଅଧା ବଗି ସାରା ତଳ ଉପର ଲୋକ ଶୋଇଛନ୍ତି । କ'ଣ କରିବି... ପାଇଖାନା ପାଖେ ବସିବିନି ପ୍ରଭୁଙ୍କ ତୁଳସୀ ଯେ ଧରିଛି। କଷ୍ଟେମଷ୍ଟେ ଜାଗା ଟିକେ କରି ଗେଞ୍ଜିହେଇ ଜଣଙ୍କ ଗୋଡ ତଳେ ବସିଲି। ଭାବିଲି ହଉ ପ୍ରଭୁଙ୍କୁ କାଲି ଦର୍ଶନଟେ ହେଇଗଲେ ସବୁ କଷ୍ଟ ଲାଘବ ହେଇଯିବ। ଟ୍ରେନ୍ ଯାଇ ପୁରୀରେ ପହଂଚିଲା ବେଳକୁ ଦିନ ନଅଟା। ଓହ୍ଲେଇ ପଡି ଷ୍ଟେସନରୁ ଶ୍ରୀମନ୍ଦିର କେତେ ଦୂର ପଚାରିଛି କି ଅଟୋବାଲାଟିଏ ହାତ ଧରି ମଉସା ଆସ, ମୋର ବାସ୍ ଗୋଟେ ସିଟ୍ ଫାଙ୍କା, ମୁଁ ବି ଯାଇ ବସିଗଲି। ଆରେ ଏ ଲୋକ ତ କ'ଣ ଦଶ ହାତରେ ନେଇ ଛାଡି ଦେଲା, କହିଲା କୋଡିଏ ଟଙ୍କା। ମୁଁ କହିଲି କିହୋ ମୁଁ କୋରାପୁଟରୁ ପଚାଶ ଟଙ୍କାରେ ଆସିଲି ଆଉ ତମେ ଏ ଦଶ ହାତ ରାସ୍ତା ଲାଗି କୋଡିଏ? ତା'ର ନାଲି ଆଖି ଦେଖି ଚୁପ୍ ଚାପ୍ କୋଡିଏ କାଢ଼ିଲି। ମୋ ସହଯାତ୍ରୀ ଜଣଙ୍କୁ ପଚାରିଲି ଆଜ୍ଞା କଉଠି ଟିକେ ଗାଧୋଇ ହେବ କି? ଅଗାଧୁଆ ପ୍ରଭୁଙ୍କ ପାଖକୁ କେମିତି ଯିବି? ସେ ହାତ ଦେଖେଇ କହିଲେ ସେଇଠି ପରା ସୁଲଭ ଶୌଚାଳୟ। ମୁଁ ପୁଣି ଏ ଲୀଳାମୟଙ୍କ ଇଚ୍ଛା କହି ଖୁସିରେ ବଢ଼ିଲି। ଜଣେ ମହିଳା ଟେବୁଲଟେ ପକେଇ ବସିଥିଲେ। କହିଲେ କ'ଣ ପସି ଆସୁଛ, ଆଜ୍ଞା ଟିକେ ଗାଧୋଇ ମହାପ୍ରଭୁ ଦର୍ଶନ ଲାଗି ଯିବି। ସେ ମହିଳା କହିଲେ କୋଡିଏ ଟଙ୍କା ଦିଅ। ଲୀଳାମୟଙ୍କ ଇଚ୍ଛା କହି ବିନା ପ୍ରତିବାଦରେ ଟଙ୍କା ପୈଠ କରି ନିତ୍ୟକର୍ମ ସାରି ଚାଲିଲି ଶ୍ରୀମନ୍ଦିର, ହେଇ ନୀଳଚକ୍ର ଦିଶିଲାଣି, ଦଣ୍ଡେ ଠିଆହେଇ ଦେଖିଲି, ପତିତପାବନ ବାନାକୁ, ଦେହରେ ଶିହରଣ ଖେଳି ଯାଉଥିଲା ମୋର, ଆଖିରେ ଆତ୍ମସନ୍ତୋଷର ଲୁହ। ବଢ଼ିଚାଲିଲି ସିଂହଦ୍ୱାର ଆଡେ, ଅରୁଣ ସ୍ତମ୍ଭ ପାଖେ ପହଂଚିଲା ଯାଏଁ ବିଶ୍ୱାସ ହେଉନଥିଲା ମୁଁ ସତରେ କାଳିଆ ଡାକପାଇ ଆସିପାରିଛି। କୋଭିଡ୍ କଟକଣା ଯୋଗୁ ବିଶେଷ ଗହଳି ନଥିଲା, ମୁଁ ସିଂହଦ୍ୱାରରେ ପାଦ ରଖିଛି କି ପୋଲିସ୍ ଭାଇ କହିଲେ କୋଭିଡ୍ ଟିକା ନେଇଛ? ତା' ପ୍ରମାଣ ଆଉ ଆଧାର କାର୍ଡ ଦେଖାଅ। ଏଁ ମୁଁ ପ୍ରଭୁଙ୍କୁ ଦର୍ଶନ କରିବି, ସେ ତ ବିଶ୍ୱର ଠାକୁର, ତାଙ୍କ ଦର୍ଶନ ଲାଗି ଆଧାର? ବହୁ ନେହୁରା ହେଲି ହେଲେ ସେ ନଛୋଡବନ୍ଧା, ଟିକେ କଡକୁ ଠେଲିଦେଲେ। ମୁଁ ସେଇଠୁ ବାଇଶି ପାହାଚ ଆଡେ ଚାହିଁ ଅଭିମାନ କରି ମନେ ମନେ କାନ୍ଦୁଥିଲି, ପ୍ରଭୁ ତୁମେ ସେଇ ଯିଏ ଦାସିଆ ବାଉରି ହାତରୁ ନଡିଆ ନେଇଥିଲ? ତୁମେ ସେଇ ଯିଏ ଭକ୍ତ ସାଲବେଗ ଲାଗି ରଥରେ ଅଡି ବସିଥିଲ? ଆଉ ଏ ଦୁନିଆ ବଦଳିଲା ଭଳି ତୁମେ ବି କ'ଣ ବଦଳିଗଲ ପ୍ରଭୁ? ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ପଡିଲା ଭଳି ଦଳେ ଭକ୍ତ ବୋଧହୁଏ କଲିକତା ଭାଷାରେ କଥା ହଉଥିଲେ, ମୋ ଆଗ ଦେଇ ପଶୁଥିଲେ, ତାଙ୍କ ସହ ଜଣେ ଟାଣୁଆ ସେବାୟତ, ସେମାନେ ଅବାଧ ପ୍ରବେଶ କରୁଥିଲେ ଆଉ ମୁଁ ବି ତାଙ୍କ ଦଳରେ ସାମିଲ ହୋଇ ଚାଲିଗଲି ଶ୍ରୀମନ୍ଦିର ଭିତରକୁ, ପୁଣି ଅନୁଭବ କଲି ଏତ ମୋ ଲୀଳାମୟଙ୍କ ଇଚ୍ଛା। ବାଇଶି ପାହାଚ ଟପିଲା ବେଳକୁ ଜଣେ ସେବାୟତ କହିଲେ ଆସ ଭଲ ଦର୍ଶନଟେ କରେଇ ଦେବି, କଉଠୁ ଆଇଛ? କୋରାପୁଟ ଶୁଣି ସେ ବହୁତ ଆଦରରେ ମୋ ହାତରୁ ତୁଳସୀତକ ନେଇ, ମୋ ପଛରେ ଆସ କହି ଚାଲିଲେ, ଠିଆ କଲେ ଗୋଟେ ଭୋଗ ଦୋକାନ ପାଖେ, ପଚାରିଲେ କ'ଣ ମାନସିକ ଅଛି ନା' ଦର୍ଶନ ଲାଗି ଆଇଚ? ମୁଁ ଖୁବ୍ ଗର୍ବରେ କହିଲି, ପ୍ରଭୁ ମୋ ଇଚ୍ଛା ପୁରଣ କରିଛନ୍ତି ତ, କୃତଜ୍ଞତା ଜଣାଇବାକୁ ଆସିଛି। ସେ ଭୋଗ ଦୋକାନୀକୁ ବରାଦ କରି ଚାଲିଲେ, ଆଉ ତାଳପତ୍ର ଭୋଗେଇରେ ଭୋଗ ସାମଗ୍ରୀ ଧରି କହିଲେ ତିନିଶହ ଟଙ୍କା ଦିଅ, ମୁଁ ବି ବିନା ଦ୍ୱନ୍ଦ୍ୱରେ ଦେଇ, ଜଗା ଦର୍ଶନ ଲାଗି ଦୌଡିଲି, ଭିତରେ ପଶିଛି କି ଚତୁର୍ଦ୍ଧା ମୂର୍ତ୍ତି ଦେଖି ଗରୁଡ ସ୍ତମ୍ଭ ପାଖରୁ ବାସ୍ ସେଇ ଚକାଆଖିକୁ ଅପଲକ ନୟନରେ ଚାହିଁ ରହିଲି। ସେ ଭାଇନା ଭିତର ବେଢ଼ା ଆଡେ ଯାଇ ଭୋଗ ପୁଡିଆଟା ଠାକୁରଙ୍କୁ ଦେଖାଇ, ପ୍ରଭୁଙ୍କୁ ତୁଳସୀତକ ଅର୍ପଣ କରିଲେ, ମୁଁ ମନଭରି ପ୍ରଭୁଙ୍କୁ ଦେଖୁଥାଏ। ସେ ଫେରି ଆସି ଭୋଗ ଧରେଇ ଦେଇ କହିଲେ ହଉ ଦକ୍ଷିଣା ଏ ଥାଳିରେ ଦିଅ, ମୁଁ ମୁକ୍ତହସ୍ତରେ ଶହେ ଟଙ୍କା କାଢ଼ି ଥାଳିରେ ରଖିଲି, ଆରି ଭିତରେ ଠିଆ ହୋଇଥିବା ନନା ମତେ ଟିକେ ତୁଳସୀ ବଢ଼ାଇ ଦେଲେ। ବୁଲି ପଡିଲା ବେଳକୁ ସେ ଭାଇନା କହିଲେ ମୋ ଦକ୍ଷିଣାଟା ଦିଅ, ମୁଁ ପରା ଦେଲି, ପୁଣି କ'ଣ? ହଉ ଏତେ ଭଲ ଦର୍ଶନଟେ ହେଇଛି ଖୁସିରେ ପଚାଶ ଟଙ୍କା ଦେଲି, ସେ ଭାଇନା କହିଲେ କ'ଣ ମଣି ଥଟ୍ଟା କରୁଛ କି? ଏ ମହଙ୍ଗା ଯୁଗରେ ପଚାଶ? ଦୁଇଶହ ଦିଅ ଦେଖ ଆମକୁ ଅଶାନ୍ତି କଲେ ଜଗା ବି ଅଶାନ୍ତି ହେବେ। ମୁଁ କାକୁତି ହେଇ ଶହେ ଟଙ୍କା ଦେଇ ହାତ ଧରିପକାଇ କହିଲି ଆଜ୍ଞା ମୁଁ ଗରିବ କୁଆଡୁ ଦେବି? ହଉ ହଉ ତେମେ ତ ଦୂରରୁ ଆଇଚ, ଅବଢ଼ା ଖାଇବ ନିଶ୍ଚୟ, ନହେଲେ ତମ ମାନସିକ ଅଧୁରା, ମୁଁ ବ୍ରାହ୍ମଣ ମତେ ଖୋଇଦେଲେ ତମ ପ୍ରଭୁ ବି ପାଇଯିବେ। ମୁଁ ବେଶ୍ ଖୁସି ହେଇ ରାଜି ହେଲି, ପ୍ରଭୁ ସତରେ ତମେ ମହାନ। ଅବଢ଼ା କଥା ତ ମୁଁ ଭାବି ନଥିଲି। ମତେ ମନ୍ଦିର ବୁଲିବାକୁ କହି ଠିକ୍ ଦୁଇଟାରେ ଏଇ ଆନନ୍ଦ ବଜାରରେ ପହଂଚିବାକୁ କହି ସେ ଭାଇନା, ଅନ୍ୟ ଭକ୍ତଙ୍କ ଆଡେ ଚାଲିଲେ। ମୁଁ ରାତିଠାରୁ କିଛି ଖାଇନଥିଲି, ମନ୍ଦିର ବୁଲି ଗୋଟେ କୋଣରେ ବସି ଶୁଖିଲା ଭୋଗ ଟିକେ ଖାଇଲି, ଆଉ ଦୁଇଟା ବାଜିବାର ଅପେକ୍ଷାରେ ବସି ରହିଲି। ଠିକ୍ ଦୁଇଟାରେ ସେ ଭାଇନା ଆସିଗଲେ। ଏବେ ମହାପ୍ରସାଦ ପାଇବା ମହାଆନନ୍ଦ ମୁଁ ଅନୁଭବ କରୁଥାଏ। ମନେମନେ ଭାବିଲି ଛୋଟ କୁଡ଼ୁଆ ଖେଚୁଡିଟେ ପୁଅ ଲାଗି ନେବି। ସେ ଭାଇନା ଦୁଇଟା କଦଳୀ ପତ୍ର ଆଣି ଗୋଟେ ଜାଗାରେ ପକାଇ ବସିଲେ, ଆହା କି ଆନନ୍ଦ ଏ ଆନନ୍ଦ ବଜାର ମହକରେ.... ବିନା ଡାକରାରେ ଗୋଟେ ପରେ ଗୋଟେ ଅନ୍ନ, ଡାଲି, ବେସର, ଶାଗ, ଲୁଣ ସବୁ ଆଣି ପିଲାଟିଏ ବାଢ଼ିଦେଇ ଗଲା। ଭାଇନା ଟିକେ ଅଧିକ ଖାଆନ୍ତି ବୋଧେ, ହଉ ଖାଆନ୍ତୁ ମୋ ମହାପ୍ରଭୁ ଯେ ଖୁସି ହେବେ, ସରିଲା ପରେ ଭାଇନା ଗୋଟେ ଦୋକାନକୁ ଦେଖେଇ କହିଲେ ଏଇଠି ଟଙ୍କା ଦେଇଦେବ, ମୁଁ ଆଉଛି। କେତେ ହେଲା କି? ସାତ ଶହ ପଚାଶ ଦିଅ, ମୋ ମୁଣ୍ଡ ଝାଏଁ କିନା ହେଇଗଲା। ଏତେ କ'ଣ ପାଇଁ ଆଜ୍ଞା? ସେ କହିଲେ କ'ଣ ମହଙ୍ଗା ହେଲାଣି ସବୁ ବୋଲି ଜାଣିନା କି? ମୁଁ କହିଲି ପିଲାଦିନେ ବାପା ସହ ଆସିଥିଲି ଦଶ ଟଙ୍କାରେ ପେଟେ। ହେ ଚୁପ୍ କର, ଟଙ୍କା ଦିଅ ଆଉ ହଟ୍ ଏଠୁ। କିଛି ଉପାୟ ନାହିଁ ଟଙ୍କା କାଢ଼ି ଦେଲି। ମହାପ୍ରଭୁଙ୍କ ନୀଳଚକ୍ରକୁ ଦେଖି ବାଇଶି ପାହାଚରେ ବସି ମୁଣ୍ଡିଆଟେ ମାରିଲି, ଆଉ ବାହାରି ଆସିଲି। ବାହାରେ ଭିକାରୀମାନେ ଯେମିତି ଅପେକ୍ଷାରେ ଥିଲେ, ଏକ ସଙ୍ଗେ ଡାକ ଦେଲେ ବାବୁ ଦୟା ହଉ। କିଛି ଖାଇନୁ ସକାଳୁ କିଛି ଦିଅ, ମୁଁ ଶୁଖିଲା ଭୋଗ ପେଡି ଖୋଲି ଗୋଟେ ଖଜା ବଢ଼େଇଲି, ସେ କିନ୍ତୁ ଅର୍ଥ ଚାହୁଁଥିଲେ। ପାଂଚ ଟଙ୍କାଟେ ଦେଲି, ସେ ଫେରେଇ ଦେଇ କହିଲେ ନେଇ ଯା ହେ ବାବୁ, ଜୋତା ଷ୍ଟାଣ୍ଡରେ ୧୦ ଟଙ୍କା ଦଉଛ ଆଉ ଆମକୁ ୫ ଟଙ୍କା। ମନେପଡିଲା ଆରେ ମୋ ଜୋତା ହଳକ ତ ମୁଁ ଏମିତି ରାସ୍ତାରେ ଛାଡି ଯାଇଥିଲି, କାହିଁ ଦିଶୁନି ତ! ଏ ତ ମହାପ୍ରଭୁଙ୍କ ଜାଗା ଏଠି କ'ଣ କିଛି ଚୋରି ହୁଏ, ଖୋଜିଲି ଚାରିଆଡେ ହେଲେ ପାଇଲିନି, ଛାଡ ଖାଲି ପାଦରେ ଷ୍ଟେସନ ଆଡେ ଯାଏ, ରିକ୍ସା କରିବାକୁ ଆଉ ଟଙ୍କା ଖର୍ଚ୍ଚ କରିପାରିବିନି, ଟ୍ରେନ୍‌ରେ ପୁଣି ଦେବାକୁ ଅଛି, ଲୋକଗହଳି ବିଶେଷ ନଥିଲା, ଖରା ସହ ସୁଲୁସୁଲିଆ ପବନରେ ମୁଁ ଷ୍ଟେସନରେ ପହଂଚିଗଲି। ଗୋଟେ ବେଂଚରେ ବସି ଚା ବାଲାକୁ ପଚାରି ଭୁବନେଶ୍ୱର ଲୋକାଲରେ ଯାଇ ସେଠାରୁ କୋରାପୁଟ ଯାଇ ହେବ ବୁଝିନେଲି । ବେଶ୍ କିଛି ସମୟ ପରେ ଟ୍ରେନ୍‌ରେ ଚଢ଼ିଲି, ଟିକେ ଭିଡ ଥିଲା। ସେଇଥିରେ ଭୁବନେଶ୍ୱର ପହଂଚିଲି। ଏଥର ଟିକେଟ କରି ଯିବି, ଆଉ ଗୋଟେ ରାତି ଅନିଦ୍ରା ରହିବା କଷ୍ଟକର ପକେଟ୍‌ରେ ଯେତିକି ଅଛି ସେଥିରେ ହେଇଯିବ, ଆରେ ଏ କ'ଣ ମୋ ପକେଟ୍‌ରେ ଯେ କିଛି ବି ନାହିଁ, ପଛ ପକେଟ୍‌ରେ ଯାହା ଶହେ-ଦୁଇ ଶହ ଥିଲା ସେ ବି ନାହିଁ, ବାସ୍ ଛାତି ପକେଟ୍‌ରେ ପ୍ରଭୁଙ୍କ ତୁଳସୀ ଟିକେ! ପ୍ରସ୍ତୁତ ହେଲି ପୁଣି ଜେନେରାଲ ବଗିରେ ଚଢ଼ି ଆଉ ଗୋଟେ ରାତି ଅନିଦ୍ରା ହେବା ଲାଗି। ରାତିରେ ଟ୍ରେନ୍‌ରେ ବସିଲା ପରେ, ଭୋକ ଅନୁଭବ କରୁଥିଲି, ହେଲେ ଆଉ ଶୁଖିଲା ଭୋଗ ବି ଖାଇ ହେବନି, ପୁଅଟା ଚାହିଁଥିବ, ସାଇ ପଡିଶା ବି ବରାଦ କରିଥିଲେ ଭୋଗ ଟିକେ ଆଣିବ। ଚୁପଚାପ୍ ଛାତି ପକେଟରେ ହାତ ରଖି, ସେ ଚକାଡୋଳାକୁ ମନେ ପକଉଥିଲି ଆଉ ପଚାରୁଥିଲି, ଭଗବାନ ତୁମେ ବି ମହଙ୍ଗା ହେଲ ? ?...

*-ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ- ୭୦୦୮୩୯୬୬୫୪*



# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ




ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ସହିତ ନିଶା ଦ୍ରବ୍ୟ ସେବନର ଅପକାରିତା, ଏହାର ଅପବ୍ୟବହାର ଏବଂ ନିରାକରଣ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ । ଏଥିରେ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କ ସମେତ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ ସାଧନା, ମିଳିତ ନିଶା ନିବାରଣ ଅଭିଯାନ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ-ସଦସ୍ୟାମାନେ ଭାଗ ନେଇ ଜନସାଧାରଣଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ । "ନିଶାଦ୍ରବ୍ୟକୁ ନାଁ, ସୁସ୍ଥ ଜୀବନକୁ ହଁ"ର ନାରା ଦେଇ ସେମାନେ ଏ ସମ୍ପର୍କିତ ପ୍ରଚାରପତ୍ର ସ୍ଥାନୀୟ ଜନସାଧାରଣଙ୍କୁ ବାଂଟିଥିଲେ ।




ଏହା ପରେ ପରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଏଥିରେ ଯୋଗ ଦେଇ ମାଦକଦ୍ରବ୍ୟ, ନିଶା ଓ ଡ୍ରଗ୍ସ ସେବନଠାରୁ ଦୂରେଇ ରହିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ନିଶା ସେବନ ଦ୍ୱାରା ବ୍ୟକ୍ତିର ପରିବାର, ସମାଜ କ୍ଷତିଗ୍ରସ୍ତ ହୋଇଥାଏ । ତେଣୁ ଏଥି ପ୍ରତି ସମସ୍ତେ ବିଶେଷ କରି ଯୁବ ସମାଜ ସଚେତନ ହେବାକୁ ସେ କହିଥିଲେ । ମିଳିତ ନିଶା ନିବାରଣ ଅଭିଯାନର ପ୍ରଭାକର ସାହୁ, ମମତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ସାଧନା ସଂଗଠନର ସୁଜାତା ପଣ୍ଡାଙ୍କ ସମେତ ସ୍କୁଲ,କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅବସରରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଅବକାରୀ ଅଧୀକ୍ଷକ ଶ୍ରୀ ଅଶୋକ କୁମାର ଶତପଥୀ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅବକାରୀ ବିଭାଗ ଓ ଅନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଉପସ୍ଥିତ ଥିଲେ ।

# ଥାନାରେ ପଶି ପୋଲିସ ସବଇନ୍ସପେକ୍ଟରଙ୍କୁ ଆକ୍ରମଣ: ବାପ-ପୁଅ ଗିରଫ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ନିକିରାଇ ଥାନା କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ଜଣେ ପୋଲିସ ସବ ଇନ୍ସପେକ୍ଟରଙ୍କୁ ଆକ୍ରମଣ କରାଯାଇଛି । ଏହି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଆକ୍ରମଣରେ ପୋଲିସ ସବ ଇନ୍ସପେକ୍ଟର ସରୋଜ ଦାସ ଆହତ ହୋଇଛନ୍ତି। ଏହି ଘଟଣାକୁ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡ଼କର ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ବାପ ପୁଅଙ୍କୁ ସଙ୍ଗେ ସଙ୍ଗେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ନିକିରାଇ ଥାନାଧିକାରୀ କାଦମ୍ବିନୀ ପରିଡ଼ା ଅଭିଯୁକ୍ତ ରାଜେନ୍ଦ୍ର ଜେନା ଓ ତାଙ୍କ ପୁଅ ସୁଧାଂଶୁ ଜେନାଙ୍କୁ ଗିରଫ ତୁରନ୍ତ କରିଥିଲେ। ସୂଚନା ଅନୁଯାୟୀ ପଲ୍ଲୀ ରଘୁନାଥପୁର ଗ୍ରାମର ରାଜେନ୍ଦ୍ର ଜେନା ଜଳାଶୟ ପୋତି ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ କରିଛନ୍ତି। ଏହାକୁ ସେହି ଗ୍ରାମର ସମାଜସେବୀ ମନୋରଞ୍ଜନ ଜେନା ବିରୋଧ କରି ଓଡିଶା ଉଚ୍ଚ ନ୍ୟାୟାଳର୍ୟରେ ଏକ ମାମଲା ରୁଜୁ କରିଛନ୍ତି। ତେଣୁ ରାଜେନ୍ଦ୍ର ଓ ତାଙ୍କ ପୁଅ ସୁଧାଂଶୁ ମନୋରଞ୍ଜନ ଓ ତାଙ୍କ ବାପା ରାମଚନ୍ଦ୍ରଙ୍କୁ ବହୁବାର ଏ ନେଇ ଆକ୍ରମଣ କରିବା ସହ ଧମକ ଚମକ ମଧ ଦେଇଛନ୍ତି। ମନୋରଞ୍ଜନଙ୍କ ବାପା ରାମଚନ୍ଦ୍ର ଜେନା ଗତ ଶୁକ୍ରବାର ତାଙ୍କ ଘର ପାଚେରୀ କାମ କରୁଥିଲେ। ସେହି ସମୟରେ ହଠାତ ଅଭିଯୁକ୍ତ ରାଜେନ୍ଦ୍ର ଜେନା ଓ ତାଙ୍କ ପୁଅ ସୁଧାଂଶୁ ଜେନା ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ରାମଚନ୍ଦ୍ରଙ୍କ ପୁଅ ମନୋରଞ୍ଜନ ଅଭିଯୋଗ କରିବାକୁ ନିକିରାଇ ଥାନାକୁ ଯାଇଥିଲେ। ଥାନାକୁ କାହିଁକି ଅଭିଯୋଗ କରିବାକୁ ଗଲେ ବୋଲି ଅଭିଯୁକ୍ତ ରାଜେନ୍ଦ୍ର ଓ ତାଙ୍କ ପୁଅ ସୁଧାଂଶୁ ଜେନା ଥାନାକୁ ଯାଇ ମନୋରଞ୍ଜନ ଓ ତାଙ୍କ ବାପା ରାମଚନ୍ଦ୍ରଙ୍କୁ ଥାନା ମଧ୍ୟରେ ଆକ୍ରମଣ କରିଥିଲେ। ଏହି ସମୟରେ ଥାନାରେ ଉପସ୍ଥିତ ଥିବା ସବଇନ୍ସପେକ୍ଟର ସରୋଜ ଦାସ ଅଭିଯୁକ୍ତ ବାପ ପୁଅଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଫଳରେ ଅଭିଯୁକ୍ତ ବାପ ପୁଅ ସବଇନ୍ସପେକ୍ଟର ଶ୍ରୀ ଦାସଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣା ତ୍ୱରିତ ବେଗରେ ପ୍ରଚାର ହୋଇଗଲା। ଫଳରେ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିବା ପାଇଁ ଏସ୍‌ପି ଶ୍ରୀ ମଡ଼କର ଥାନାଧିକାରୀ କାଦମ୍ବିନୀ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ଦଫା ୩୦୭ ସମେତ ବିଭିନ୍ନ ଫୌଜଦାରୀ ଦଫାରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ।

## ମଧ୍ୟାହ୍ନ ଭୋଜି ଦେଲେ ନିରଂଜନ

ଭୁବନେଶ୍ୱର (ପିଏନ୍)- ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରର ସମସ୍ତ କଂଗ୍ରେସ ନେତୃବର୍ଗ ତଥା ପଦାଧିକାରୀଙ୍କ ପାଇଁ ଗ୍ରାଣ୍ଡଲୁମ୍ବିନି କନ୍‌ଭେନସନ୍‌ରେ ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଏକ ଭବ୍ୟ ମଧ୍ୟାହ୍ନ ଭୋଜନ ଆୟୋଜନ କରିଥିଲେ। ନବନିଯୁକ୍ତ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ସୁର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ସମ୍ମାନିତ କରିଥିଲେ। ପାଖାପାଖି ୮୦୦ରୁ ଅଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ମଧ୍ୟାହ୍ନ ଭୋଜନରେ ଯୋଗଦାନ କରିଥିଲେ। ପ୍ରାକ୍ତନ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ କଂଗ୍ରେସ ଏକ ପରିବାର ଏବଂ ଏ ପରିବାର ଭିତରେ କିଛି ଅଭାବ ଅସୁବିଧା ଥିଲେ ବାହାରେ କହିବା ପରିବର୍ତ୍ତେ ଘର ଭିତରେ ଆଲୋଚନା କରନ୍ତୁ। କଂଗ୍ରେସର କ୍ଷତି ପହଂଚାନ୍ତୁ ନାହିଁ। ସମସ୍ତେ ବହୁ ପରିଶ୍ରମ କରି କଂଗ୍ରେସକୁ ଫେରାଇବୁ। ଉକ୍ତ ମଧ୍ୟାହ୍ନ ଭୋଜନରେ ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲା କୁମାର, ସହପ୍ରଭାରୀ ଜି. ରୁଦ୍ର ରାଜୁଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ, ସାଂସଦ ଓ ମନ୍ତ୍ରୀଙ୍କ ସହିତ ବ୍ଲକ, ନଗର, ଜିଲ୍ଲା ସଭାପତିଗଣ, ପିସିସିର ପୂର୍ବତନ ପଦାଧିକାରୀଗଣ ଯୋଗ ଦେଇଥିଲେ।

# ଏଆଇପିଏଲ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ




ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ାସ୍ଥିତ ଏଆଇପିଏଲ କମ୍ପାନୀ ଦ୍ୱାରା ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଦୃଢ ଇଚ୍ଛାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଯୋଗୁ ଆମ ପୂର୍ବପୁରୁଷ ଭାରତକୁ ୭୫ ବର୍ଷ ତଳେ ସ୍ୱାଧୀନତା ଆଣି ଦେଇଥିଲେ। ସେହିପରି ଆମ୍ଭେମାନେ ଯଦି ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱର ସହ ନିର୍ବାହ କରିବା ସବୁ କାର୍ଯ୍ୟରେ ସଫଳତା ପାଇପାରିବା ବୋଲି ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଆଇପିଏଲ ଜେନେରାଲ ମ୍ୟାନେଜର ଶ୍ରୀ ରାମଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏନଏଚଏଆଇ ଓଡ଼ିଶା ରିଜିଓନାଲ ଅଫିସର ଆର.ପି ପଣ୍ଡା ଯୋଗଦେଇ ଏନଏଚଆଇ ଏକ ପ୍ରକଳ୍ପ ପ୍ରୋଜେକ୍ଟ ନୁହେଁ ଏକ ବ୍ରାଣ୍ଡ ବୋଲି ବିବେଚନା କରିବା ସହ ଏହାର କାର୍ଯ୍ୟକୁ ଏଆଇପିଏଲ ସୁଚାରୁରୂପେ କରିବାରେ ସଫଳ ହୋଇଛି ବୋଲି କହିବା ସହ ସବୁଦିନ ଆଜଦୀ କା ଅମୃତ ମହୋତ୍ସବ ପାଳନ କରିବା କଥା ବୋଲି ମତବ୍ୟକ୍ତ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଜୁନ୍ ୨୮**

# ସୁଖଶାନ୍ତି ଆନନ୍ଦର ମହୌଷଧି ସ୍ୱସ୍ତ୍ୟୟନୀ ବ୍ରତ



'ସାଧକ ଭୁଲିଲେ ସାଧନାର ପଥ ନନ୍ଦିଘୋଷ ଯିବ ଥକି, ଜ୍ଞାନି ନ ସ୍ମରିଲେ ଶିଷ୍ଟାଚାର ବିଧି ଲୁପ୍ତ ହେବ ଦେଶ ଜାତି' – ପରମ ପୁରୁଷ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଶିଷ୍ଟାଚାର ଓ ସାଧକମାନଙ୍କୁ ମାର୍ଗଦର୍ଶନ କରି ଦେଶ ଜାତି ପାଇଁ ତାଙ୍କ ସମ୍ଭାଷଣରେ ଜଣାଇଛନ୍ତି ସାଧନା ହେଉଛି ଦୀକ୍ଷା ଗ୍ରହଣ ଦ୍ୱାରା କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁରଙ୍କୁ ନିଜ ପରମ ପୁରୁଷ ଇଷ୍ଟରୂପେ ଜୀବନଚର୍ଯ୍ୟାରେ ଗ୍ରହଣ କରି ଯଜନ, ଯାଜନ ଓ ଇଷ୍ଟଭୃତି ପରାୟଣ ହେବା। ଏହି ସାଧନ ଶକ୍ତିର ସଫଳତା ନିର୍ଭର କରେ କୃପାଭିକ୍ଷୁ ମାନଙ୍କ ଇଷ୍ଟଭୃତିର ପରମ ଆଦର୍ଶ ସହିତ। ପ୍ରତ୍ୟେକ ସତ୍‌ସଙ୍ଗରେ ନାମ, ଧ୍ୟାନ, ପ୍ରାର୍ଥନା, ସତ୍‌ସଙ୍ଗ, ଆନନ୍ଦ ବଜାର ସହ ଯଜନ, ଯାଜନ ଓ ଇଷ୍ଟଭୃତି ଅତ୍ୟନ୍ତ ପ୍ରୟୋଜନୀୟ। ଏହା କାଳ କାଳ ପାଇଁ ସତ୍ୟ ସ୍ୱସ୍ତ୍ୟୟନୀ ବ୍ରତ ଧାରୀ ବାସ୍ତବ ସାଧନ ଜୀବନ ଯାପନ କରୁଥିବା ଓ ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ପାଳନ କରୁଥିବା ବ୍ୟକ୍ତି ଯେ କୌଣସି ତଥାକଥିତ ସାଧକଙ୍କ ଠାରୁ ଉଚ୍ଚତର ତଥା ଉନ୍ନତ ଜୀବନର ଅଧିକାରୀ ହୋଇ ଉଠନ୍ତି।

ପାଞ୍ଚଟି ନୀତିର ଆଧାରରେ ସ୍ୱସ୍ତ୍ୟୟନୀ ବ୍ରତର ସଂକଳ୍ପ ରହିଛି। ତେଲ ଲୁଣ ସଂସାର ଭିତରେ ଜୀବନ ତମାମ ଏହି ବ୍ରତକୁ ନିଜ ଜୀବନର ଧର୍ମ, କର୍ମ ଭାବି ନିର୍ବାହ କଲେ ସମସ୍ତ ପ୍ରକାର ଉନ୍ନତିର ପଥ ଉନ୍ମୁକ୍ତ ହୋଇଥାଏ। ଏହି ଶ୍ରେଷ୍ଠ ବ୍ରତ ପାଳନ ଦ୍ୱାରା ଜଣଙ୍କର କେବଳ ମୁକ୍ତି ସମ୍ଭବ ତାହା ନୁହେଁ ବରଂ ପରିବାର, ସମାଜ ଓ ସମଷ୍ଟି ତଥା ରାଷ୍ଟ୍ରର ମୁକ୍ତି ମଧ୍ୟ ସୁନିଶ୍ଚିତ। ଯୁଗସ୍ରଷ୍ଟା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱସ୍ତ୍ୟୟନୀ ବ୍ରତ ଦୁଇଟି ଶବ୍ଦକୁ ନେଇ ତିଆରି ହୋଇଛି। ପ୍ରଥମଟି ହେଉଛି 'ସ୍ୱସ୍ତୟନୀ' ଓ 'ବ୍ରତ' ଯାହାର ଭାବାର୍ଥ ହେଉଛି (ସୁ+ଅସ୍ତି+ଅୟନ) ଅର୍ଥାତ୍ ଯଥାର୍ଥ ଭାବେ ବଞ୍ଚି ରହିବାର ଦିବ୍ୟ ପଥ। ଅର୍ଥାତ୍ ଆମ ଜୀବନର 'ସ୍ୱସ୍ତି' ବା ଶାନ୍ତି ଆସିଥାଏ। ସ୍ୱସ୍ତ୍ୟୟନୀ ବ୍ରତ, ବ୍ରତଚାରୀଙ୍କୁ ତାର ସମସ୍ତ ବିପଦକୁ ନଷ୍ଟ କରିବା ସହ ସାମଗ୍ରୀକ ଭାବେ ତାଙ୍କୁ ଉନ୍ନତି ପଥର ରାସ୍ତା ଦେଖାଇବା। ଯଥାର୍ଥରେ ଆଲୋଚନା ପ୍ରସଙ୍ଗର ପ୍ରଥମ ଭାଗରେ ଲିଖିତ ଅଛି 'ସ୍ୱସ୍ତ୍ୟୟନୀ ପାଲେନା, ଉନ୍ନତିତେ, ଚଲେନା'। 'ସ୍ୱସ୍ତ୍ୟୟନୀ ମୁକ୍ତି ଆଣେ, ରାଷ୍ଟ୍ର ସହ ପ୍ରତି ପ୍ରାଣେ'। ସ୍ୱସ୍ତ୍ୟୟନୀ ହେଉଛି ଜଣଙ୍କର ଦାରିଦ୍ର୍ୟ ବ୍ୟାଧିର ମହୌଷଧି। ସର୍ବୋପରି ଦେଶ ଓ ଜାତି ପକ୍ଷରେ ଏହା ଏକ ମହାନ ଅସ୍ତ୍ରସ୍ୱରୂପ। ଅନୁସୂତୀ ପ୍ରଥମ ଖଣ୍ଡରେ ଉଲ୍ଲେଖ ଅଛି 'ଦାରିଦ୍ର୍ୟ ବ୍ୟାଧି କରତେରେ ଦୂର, ସ୍ୱସ୍ତ୍ୟୟନୀର ଅସ୍ତ୍ର ଜାତିର ଆଘାତ ଅପନୋଦନେ ଐଟିଇ ମହାଶସ୍ତ୍ର'। 'ଦାରିଦ୍ର୍ୟ ଆର୍ ଦୁର୍ବିପାକେ ଯତଇ ନା ହୋକ୍ ଲାଞ୍ଛନା ନିଖୁଁତ୍ ଭାବେ କରତେ ଥାକ୍ ତୁଇ, ସ୍ୱସ୍ତ୍ୟୟନୀର ସାଧନା, ଆପଦ ବିପଦ ଗଲେ ଗିୟେ, ଦେଖିସ ସୁଫଳ ଆନ୍‌ବେ ଡାକି, ପରାକ୍ରମଟି ଫୁଟବେ ଉଠେ, ସୁସମ୍ଭାର ସକଳ ଡାକି।'

୧୯୩୭ ମସିହାରେ ଅବତାର ପୁରୁଷ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସର୍ବପ୍ରଥମେ ମଣିଷ ସମାଜର ମଙ୍ଗଳ ସାଧନ ପାଇଁ ପାଞ୍ଚୋଟି ନୀତିକୁ ନେଇ ସ୍ୱସ୍ତ୍ୟୟନୀ ବ୍ରତ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ଠାକୁର ମାର୍ଗଦର୍ଶନରେ କହିଛନ୍ତି 'ଇଷ୍ଟଭୃତି ଜିନିଷଟି ଆଗେଥିଲା, ସ୍ୱସ୍ତ୍ୟୟନୀ ମୁଁ ଠିକ୍ ଠାକ୍ କରି ଦେଇଛି। ସ୍ୱସ୍ତ୍ୟୟନୀର ସ୍ୱରୂପ ଟା ଦେଇଛି, ଏହା ସେ ଦିଗକୁ ନୂତନ। ଆଗେ ଥିଲେ ମଧ ବୁଝା ପଡୁନଥିଲା। ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଯଦି କରାଯାଏ, ତାହେଲେ ଦେଖିବ ଗୋଟିଏ ଦୁଇଟା ପୁରୁଷ ମଧରେ କ'ଣ ହୋଇପାରେ। ଗୋଟିଏ ଦୁଇଟା ପୁରୁଷ ପରେ ବୁଝାଯିବ'। ସ୍ୱସ୍ତ୍ୟୟନୀର ପାଞ୍ଚଟି ନୀତିରୁ ପ୍ରଥମ ନୀତିଟି ହେଉଛି–ଭଗବାନଙ୍କର ମନ୍ଦିର ହେଉଛି ମଣିଷର ଶରୀର। ନିରାମିଷ ଭକ୍ଷଣ ଏହା ପାଇଁ ସୁଷମ ଓ ଉପାଦେୟ ଖାଦ୍ୟ। ସଂଯତ, ନିର୍ମଳ, ସୁନିୟନ୍ତ୍ରିତ ଓ ଆଧାତ୍ମିକ ଜୀବନ ଯାପନ ପାଇଁ ସଚେତନ ରହି ଆମ୍ଭେମାନେ ସୁଷମ ଖାଦ୍ୟକୁ ବାଛିନେବା ବାଞ୍ଛନୀୟ। ଦ୍ୱିତୀୟଟି ହେଉଛି ଯେଉଁ କାର୍ଯ୍ୟ ହାତକୁ ନେବା ତାହାକୁ ଉପଯୁକ୍ତ ବୋଲି ଚିନ୍ତା କରି ସମସ୍ତ ବାଧାବିଘ୍ନକୁ ସାମ୍ନା କରିବା। ତୃତୀୟଟି ହେଉଛି ଯେତେବେଳେ ସତ୍‌ଚିନ୍ତାଟି ଆମ୍ଭମାନଙ୍କ ମନ ରାଜ୍ୟକୁ ଆସୁଛି ତାହାକୁ ତତ୍‌କ୍ଷଣାତ ଇଷ୍ଟ ସ୍ୱାର୍ଥ ଇଷ୍ଟପ୍ରତିଷ୍ଠା ଦିଗରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଅବହେଳା ଓ ଦୀର୍ଘସୂତ୍ରୀ ଦ୍ୱାରା ଆମ୍ଭେମାନେ ଏହାକୁ ଉଲଂଘନ କରିଥାଉ। ଚତୁର୍ଥଟି ହେଉଛି କେବଳ ନିଜ ପରିବାର ନୁହେଁ ଆତ୍ମୀୟ ସ୍ୱଜନ, ପଡ଼ୋଶୀ, ବନ୍ଧୁ, ପ୍ରିୟଜନ ଏବଂ ଆମ ଆଖପାଖର ମଣିଷମାନଙ୍କୁ ନିଜ ସୀମିତ ସାଧ ଭିତରେ ସହଯୋଗ ଓ ସେବା ଦେବା। ପଞ୍ଚମଟି ହେଉଛି ପ୍ରତିଦିନ ଇଷ୍ଟଙ୍କ ଉଦ୍ଦେଶ୍ୟରେ ନିର୍ମଳ ହୃଦୟତା ଓ ଭକ୍ତିପ୍ରେମ ପୂର୍ବକ ନୈବେଦ୍ୟ ଦାନ କରିବା। ଇଷ୍ଟଙ୍କ ଉଦ୍ଦେଶ୍ୟରେ ଏହାକୁ ପ୍ରେରିତ କରିବା। ମାନବ ଦରଦୀ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ବାସ୍ତବରେ ଅତି ମଣିଷ କାଙ୍ଗାଳ ଥିଲେ। ସହଜ ସରଳ ନୀତିବିଧି, ସଂକୀର୍ତ୍ତନର ମହାଆନ୍ଦୋଳନ ଓ ସତ୍‌ସଙ୍ଗ ଦ୍ୱାରା ସେ ମଣିଷ ମାନଙ୍କୁ ଭଲ ମଣିଷରେ ଓ ଭଲ ମଣିଷ ମାନଙ୍କୁ ଅତି ଭଲ ପର୍ଯ୍ୟାୟରେ ପହଞ୍ଚାଉଥିଲେ। ସମସ୍ତ ମଣିଷ ସମାଜକୁ ବିଭୁମୁଖୀ କରାଇ ସୁଖଶାନ୍ତି ଆନନ୍ଦର ପରମ ଆଶ୍ୱାଦାନ ଚଖାଇବାକୁ ସେ ନିରନ୍ତର ଉଦ୍ୟମ ରଖିଥିଲେ। ଭଗବାନ ସୂର୍ଯ୍ୟଦେବଙ୍କର ଯେଉଁପରି ପ୍ରତ୍ୟେକ ଦିନ ପରିକ୍ରମଣ ହେଉଛି ଗୋଟିଏ ଇଲାକାରୁ ଅନ୍ୟ ଏକ ଇଲାକାକୁ ଯାଇଥାନ୍ତି। ଯାହାକୁ ସଂକ୍ରାନ୍ତୀ କୁହାଯାଏ ଠିକ୍ ସେହିପରି ସ୍ୱସ୍ତ୍ୟୟନୀକୁ ନିଷ୍ଠା ଓ କାଷ୍ଠାର ସହିତ ପ୍ରତିଟି ନୀତିବିଧି ସହ ପାଳନ କଲେ ଆମ୍ଭମାନଙ୍କର ଠିକ୍ ସେହିପରି ଭଗବାନ ସୂର୍ଯ୍ୟଦେବଙ୍କ ନିତ୍ୟବ୍ରତ ଅନୁଯାୟୀ ଜୀବନ ଚଳନ କ୍ଷେତ୍ରରେ ଧିରେ ଧିରେ ଏକ ପ୍ରବେଶ ସଂଗଠିତ ହୋଇଥାଏ। ଶ୍ରୀ ଶ୍ରୀ ଠାକୁର କହିଛନ୍ତି 'ଇଷ୍ଟଭୃତି ଦୀକ୍ଷା ନେବାକୁ ପଡ଼ିବ ଏହାକୁ ଚେତନ ରଖିବା ପାଇଁ ଯଜନ, ଯାଜନ, ଇଷ୍ଟଭୃତି ଏହି ଅସ୍ତିତ୍ୱକୁ ଧରି ରଖିଥାଏ। ଆଲୋଚନା ପ୍ରସଙ୍ଗର ତେରଖଣ୍ଡରେ ଉଲ୍ଲେଖ ରହିଛି – 'ଯତ ବ୍ରତଇ କରିସ୍ ନା ତୁଇ, ସେରା ସ୍ୱସ୍ତ୍ୟୟନୀ କରତେ କରତେ ଦେଖତେ ପାବି, ଉନ୍ନୟନେର ଖଣି।' ସ୍ୱାସ୍ଥ୍ୟରକ୍ଷା ସହ ନିୟମ ଗୁଡ଼ିକ ସଦାଚାର ସମ୍ପନ୍ନ ହୋଇ ପାଳନ କଲେ ଇଷ୍ଟକର୍ମ କରିବା ସହଜ ହୋଇଥାଏ। ଅନୁସୂତୀର ପ୍ରଥମ ଖଣ୍ଡ ବାଣୀ ୩୧ରେ ଲେଖା ଅଛି –'ପ୍ରବୃତ୍ତି ତୋର ଯଖନ ଯେମନ୍, ଯେ ଭାବେଇ ଉଙ୍କି ମରୁକ। ଇଷ୍ଟ ସ୍ୱାର୍ଥ ପ୍ରତିଷ୍ଠାତେ ଘୁରିୟେ ଦିବି ତାର ସେ ଝୁଁକ'। ଏହି ଲେଖନୀ ସମୟରେ ନୃସିଂହ ପୁରାଣର ତୃତୀୟ ରତ୍ନାକର ପୃଷ୍ଠା ୪୭ରେ ଉଲ୍ଲେଖ ଅଛି–'ବର୍ଷକ ଯାକ ଅର୍ଜିବ ଜାଣ ଯେତେ ଦ୍ରବ୍ୟ, ଦଶଭାଗ କରି ତାହା ମନରେ ବାଣ୍ଟିବ। ତହିଁରୁ ଆଠଭାଗ ଯେ ଦେବ କୁଟୁମ୍ବଙ୍କୁ, ବୋଲିବ ସୁଖେ ବସିଣ ଭୁଞ୍ଜେ ଏ ଦ୍ରବ୍ୟକୁ। ଆବର କରିବ ଭାଗ କରେ ଧର୍ମ କାର୍ଯ୍ୟ, ଯହିଁରେ ସେ ପୂଣ୍ୟରେଖା ବଢ଼ିବ ଐଶ୍ୱର୍ଯ୍ୟ, ଆବର ଭାଗେ ଗୁରୁଙ୍କୁ ବାଣ୍ଟି କରି ଦେବ, ଆଠଗୋଟି ଭାଗ ଦେଇ କୁଟୁମ୍ବ ପୋଷିବ। ସଂସାରୀ ଲୋକେ ଏ ରୂପେ କଲେ ଧର୍ମ ପାଇ, କହିଲେ ରାଜାମାନଙ୍କ ଧର୍ମ ନସରଇ।' ଯଥାର୍ଥରେ ସ୍ୱସ୍ତ୍ୟୟନୀ ମହାବ୍ରତ ସ୍ୱାସ୍ଥ୍ୟରକ୍ଷା ସହ ଆୟୁବୃଦ୍ଧି, କର୍ମଦକ୍ଷତା ଓ ଆର୍ଥିକ ଅନଟନକୁ ଦୂରେଇ ଦେଇଥାଏ। ମାନସିକ ଉଦ୍‌ବେଗ ଅନେକ ପରିମାଣରେ ଦୂରେଇ ଯାଏ। ପରିବାର ସୁସଂଗଠିତ ହେବା ସହ ଆଧାତ୍ମିକ ପରିବେଶର ପରମ ଶାନ୍ତି ଆତ୍ମାକୁ ଇଷ୍ଟାଭିମୁଖୀ କରାଏ। ଏହି ମହା ପବିତ୍ର ସ୍ୱସ୍ତ୍ୟୟନୀ ଦ୍ୱାରା ଯୁଗପୁରୁଷ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରାକୁ ଯାଜୁଲ୍ୟମାନ କରି ଆମ୍ଭମାନଙ୍କ ଜୀବନକୁ ଶାନ୍ତି ଓ ଆନନ୍ଦମୟ କରି ଗଢ଼ିତୋଳିଥାଏ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରଦ୍ୱିକ, ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭, ଇ-ମେଲ: drumeshchandra123patra@gmail.com**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବିହନ କିଏ ହେବ ?

**ଲୋକନାଥ ପଣ୍ଡା**



ନିକଟରେ ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଅଂଚଳର କେତୋଟି ଆଦିବାସୀ ଗାଁ ବୁଲିବା, ଗ୍ରାମବାସୀ, ଶିଶୁଙ୍କ ସହ ବୁଲିବାର ସୁଯୋଗ ମିଳିଥିଲା। ଆଦିବାସୀବହୁଳ ଦୁର୍‌ଦୁରା ଗ୍ରାମରେ ମାଙ୍କିଡ଼ିଆ, ଖଡ଼ିଆ, ସାନ୍ତାଳ, ହୋ ଜନଜାତିର ପରିବାର ବସବାସ କରୁଛନ୍ତି । ସେମାନଙ୍କ ଭାଷାରେ ସାମଞ୍ଜସ୍ୟ ରହିଥିଲେ ମଧ୍ୟ ପ୍ରତ୍ୟେକ ଜନଜାତିର ଭାଷା ସ୍ୱତନ୍ତ୍ର । ଭାଷାର ପ୍ରୟୋଗକୁ ନେଇ ପ୍ରାଥମିକ ଓ ପ୍ରାକ୍‌-ପ୍ରାଥମିକ ସ୍ତରରେ ସ୍କୁଲର ଶିକ୍ଷକ, ଗୋଷ୍ଠୀ ଶିକ୍ଷାକେନ୍ଦ୍ରର ସ୍ୱେଚ୍ଛାସେବୀ, ମାଆମାନଙ୍କ ସହିତ ଆଲୋଚନା କରୁଥିଲି । ଏହି ସମୟରେ ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ, ବିଦ୍ୟାଳୟରେ କିପରି ବିଭିନ୍ନ ଭାଷାଭାଷୀର ଶିଶୁ ଶିକ୍ଷାଲାଭ କରୁଛନ୍ତି, ତାହାକୁ ଅନୁଧ୍ୟାନ କରୁଥିଲି । ଦୁର୍‌ଦୁରା ଗ୍ରାମରେ ଦେଖୁଥିଲି, ଏକାଠି ଭାବରେ ସାନ୍ତାଳ, କୋହ୍ଲ/ହୋ, ମାଙ୍କିଡ଼ିଆ, ଖଡ଼ିଆ ଶିଶୁ ଏକାଠି ଶିକ୍ଷାଲାଭ କରୁଛନ୍ତି । ସମସ୍ତଙ୍କ ଭାଷାରେ ପ୍ରଭେଦ ରହିଛି । ସମସ୍ତଙ୍କ ଭାଷା ମଧ୍ୟରେ ସମନ୍ୱୟ ରହିଛି ଏବଂ ପରସ୍ପର ଭାଷାର ବିକାଶରେ ସାହାଯ୍ୟ କରୁଛନ୍ତି । ଖାଲି ଏଠାରେ ନୁହେଁ, ଗଜପତି ଜିଲ୍ଲାର ଆଦିବାସୀବହୁଳ ଅଂଚଳରେ, ରାୟଗଡ଼ା ଜିଲ୍ଲାର କେତେକ ଅଂଚଳରେ ଏହିଭଳି ବହୁଭାଷୀ ଶିଶୁ ଏକାଠି ପଢ଼ିବା ଦେଖିଛି, ଯଥା: ସେଠାରେ




ସଉରା, କନ୍ଧ, ତେଲୁଗୁ, ଓଡ଼ିଆ ଏହିପରି ଚାରି ପାଞ୍ଚପ୍ରକାର ଶିଶୁ ଏକାଠି ଶିକ୍ଷାଲାଭ କରିବାର ନଜିର ରହିଛି । ଶିକ୍ଷାୟତନରେ ଅନୁଭବ କରୁଥିଲି, ବିଭିନ୍ନ ଭାଷାଭାଷୀର ଶିଶୁ ଏକାଠି ଶିକ୍ଷାଲାଭ କରୁଛନ୍ତି । ସମସ୍ତେ ବୋଧହୁଏ ଓଡ଼ିଆକୁ ବାଧ୍ୟ ହୋଇ ଆପଣାଇଛନ୍ତି । ଓଡ଼ିଶାରେ ଏହିଭଳି ଅନେକ ଅଂଚଳ ରହିଛି, ଯେଉଁଠି ଚାରି/ପାଞ୍ଚ ପ୍ରକାର ଭାଷାଭାଷୀ ଶିଶୁ ଏକାଠି ଶିକ୍ଷାଲାଭ କରୁଛନ୍ତି । ସେହିଭଳି ସ୍ଥିତିରେ ଭାଷାଗତ ବିବିଧତାରେ ସମତା ଆଣିବା, ଏହାକୁ ଏକ ସମ୍ବଳ ଓ ସୁଯୋଗ ବୋଲି ଭାବିବା ଏବଂ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିବା କେତେ ଚ୍ୟାଲେଞ୍ଜ ଭାବରେ ନିଆଯିବ, ତାହାକୁ ହୃଦୟଙ୍ଗମ କରିବାର ଆବଶ୍ୟକତା ସମ୍ପର୍କରେ ମନରେ ଭାବନା ଆସୁଥିଲା । ସହରାଞ୍ଚଳରେ ବହୁଭାଷୀ ହେବାର ସୁଯୋଗ ରହିଛି, କିନ୍ତୁ ତାହା ମଧ୍ୟ ସୀମିତ । ଓଡ଼ିଶାର ଆଦିବାସୀ ଅଂଚଳ ପରିପ୍ରେକ୍ଷୀରେ ଯଦି ଆମେ ଆଲୋଚନା କରିବା, ତେବେ ଅନେକ ଅଞ୍ଚଳରେ ଏହିଭଳି ସ୍ଥିତି ଓ ସମ୍ଭାବନା ରହିଛି । ନାଗରିକ ସମାଜର ଦାୟିତ୍ୱ ହେଉଛି, ପିଲାମାନଙ୍କର ଭାଷାକୁ ନେଇ ତାଙ୍କର ମାତୃଭାଷା ମାଧ୍ୟମରେ ସମ୍ଭାବନାକୁ ଜାଗ୍ରତ କରିବା ଏବଂ ଏହାକୁ ବିକଶିତ କରିବା ।

ଏକଦା ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ଅବସରପ୍ରାପ୍ତ ପ୍ରଫେସର ଅଜିତ ମହାନ୍ତିଙ୍କ ସହ ଆଦିବାସୀ ଅଂଚଳରେ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସହିତ ସଂପୃକ୍ତ ଥିଲା ବେଳେ ଏହିଭଳି ଅଂଚଳରେ ଶିଶୁମାନେ କିପରି ଶିକ୍ଷାଲାଭ କରିବେ, ସେମାନଙ୍କୁ କିପରି ଶିକ୍ଷାଦାନ କରାଯାଇପାରିବ, ସେ ସମ୍ପର୍କରେ ଅନେକ ଥର ଆଲୋଚନା ହେଉଥିଲା । ଏହିଭଳି ପରିସ୍ଥିତିରେ ଶିଶୁଙ୍କ ପାଠପଢ଼ାକୁ ନେଇ ପ୍ରଫେସର ଅଜିତ ମହାନ୍ତିଙ୍କ ଅଧ୍ୟୟନ ଲାଗି ରହିଥିଲା । ଦେଶ ବିଦେଶରେ ମଧ୍ୟ କେତୋଟି ଅଂଚଳରେ ଏହିଭଳି ଉଦାହରଣ ରହିଛି, ଯେଉଁଠି ଚାରି ପାଞ୍ଚପ୍ରକାର ଭାଷାଭାଷୀ ଶିଶୁ ନିଜ ନିଜ ମାତୃଭାଷାରେ ପ୍ରାଥମିକ ଶିକ୍ଷାଲାଭ କରିବାର ବ୍ୟବସ୍ଥା ରହିଛି । ବିଭିନ୍ନ ଭାଷାଭାଷୀର ଶିଶୁ ଶ୍ରେଣୀଗୃହରେ ଥିଲେ ମଧ୍ୟ ସେମାନଙ୍କ ନିଜ ଭାଷାରେ ଯେପରି ପ୍ରାଥମିକ ଶିକ୍ଷା ପାଇପାରିବେ, ସେଥିନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଶିଶୁଟି ନିଜର ମାତୃଭାଷା ମାଧ୍ୟମରେ କିପରି ଶିକ୍ଷାଲାଭ କରିବ, ସେଥିପ୍ରତି ପ୍ରାଥମିକତା ଦିଆଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଚିତ୍ତରଞ୍ଜନ ଦାସ ମଧ୍ୟ ତାଙ୍କର ଇସ୍ରାଏଲ୍‌କୁ ନେଇ କେତେକ ପ୍ରବନ୍ଧରେ ବିଦେଶରେ ଭାଷାଭାଷୀର ଶିଶୁମାନଙ୍କୁ କିପରି ଏକାଠି ଶିକ୍ଷାଦାନ ଦିଆଯାଏ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି ।

ସବୁଠାରୁ ବଡ଼କଥା ହେଲା ଯିଏ ଅଧିକ ଭାଷା ଶିଖିଛି, ସିଏ ନିଶ୍ଚୟ ଆଗରେ ରହେ । ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ଦ୍ୱାରା ଶିଶୁଟିର ଶିଖିବାର ପ୍ରକ୍ରିୟା କ୍ଷିପ୍ର ହୋଇଥାଏ ବୋଲି ଅନେକ ଅଧ୍ୟୟନ ହୋଇଛି । ଅନେକ ସମୟରେ କୁହାଯାଇଛି ଯେ, ଶିଶୁଟି ଯଦି ପ୍ରାରମ୍ଭିକ ସମୟରେ ଅନେକ ଭାଷା ସହିତ ସମ୍ପର୍କରେ ଆସେ, ତେବେ ତାହାର ଭାଷା ଶିଖିବାର ପ୍ରକ୍ରିୟାରେ ସମ୍ଭାବନା ଓ ସୁଯୋଗଗୁଡ଼ିକ ବେଶୀ ବଢ଼ିଯାଇଥାଏ । ବହୁଭାଷୀ ଶ୍ରେଣୀୟ ପ୍ରାକ୍‌-ପ୍ରାଥମିକ ଶିକ୍ଷା ଅବା ପ୍ରାଥମିକ ଶିକ୍ଷାକୁ ଯଦି ଆମେ ଆଲୋଚନା କରିବା, ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଏହିଭଳି ବହୁଭାଷୀ ହେବାର ସୁଯୋଗ ଅନେକ କ୍ଷେତ୍ରରେ ଦେଖାଦେଇଥାଏ । ଅନେକ ଭାଷାର ସମ୍ବଳ ହେଉ, କଥିତ ଭାଷାର ସମ୍ବଳ ହେଉ, ପ୍ରାକୃତିକ ସମ୍ବଳ ହେଉ, ଏହାକୁ ଜାଗ୍ରତ କରିବା । ସେମାନଙ୍କ ଭାଷାକୁ ନେଇ ଆତ୍ମସମ୍ମାନ ବିକାଶ କରିବା । ଆତ୍ମବିଶ୍ୱାସ ଜାଗ୍ରତ କରିବା ହେଉଛି ସବୁଠାରୁ ବଡ଼ କଥା । ଶିଶୁଟି ନିଶ୍ଚିତ ଭାବରେ ଜନ୍ମ ହେବା ପୂର୍ବରୁ ହିଁ ଭାଷାକୁ ନେଇ ଜନ୍ମ ହେଉଛି । ତା'ର ମା', ପରିବାର, ପରିବେଶ, ପ୍ରକୃତିକୁ ନେଇ ତା' ଭିତରେ ଭାଷାର ବିକାଶ ହେଉଛି । ଅଙ୍ଗନବାଡ଼ି କେନ୍ଦ୍ର ହେଉ ବା ପ୍ରାଥମିକ ବିଦ୍ୟାଳୟ ଗଲାପରେ ତାହାର ଭାଷାର ବ୍ୟାପ୍ତ ଆପେ ଆପେ ବଢ଼ିଥାଏ ।

ମାତୃଭାଷା ହେଉ, ବହୁଭାଷୀକତାକୁ ନେଇ ଆଞ୍ଚଳିକ ସ୍ତରରେ ଏ ପର୍ଯ୍ୟନ୍ତ ଅନେକ ଦ୍ୱନ୍ଦ୍ୱ ସଂକେତ ରହିଛି । ସହରାଞ୍ଚଳର ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀକୁ ଗୁରୁତ୍ୱ ଦେବାବେଳେ ଗାଁଗହଳି ସ୍ତରରେ ମଧ୍ୟ ଏହାକୁ ନକଲ କରାଯାଉଛି । ଫଳରେ ଆଞ୍ଚଳିକ ଭାଷାଗୁଡ଼ିକ ଗୋଡ଼ାଣିଆ ହୋଇ ତାହାର ଅସ୍ତିତ୍ୱ ହରାଉଛି ଏବଂ ଆସ୍ତେ ଆସ୍ତେ ଆଞ୍ଚଳିକ ଭାଷା, ସଂସ୍କୃତି, ପର୍ଯ୍ୟାବରଣ ଆଦି ନଷ୍ଟ ହେବାରେ ଲାଗିଛି । ସମୟ ଆସିଛି, ବିବିଧତାକୁ ସମ୍ମାନ ଦେବା, ଆଞ୍ଚଳିକ, ତୃଣମୂଳ ସ୍ତରରେ ଥିବା ସଂଖ୍ୟାଲଘୁ ଭାଷାକୁ ନେଇ ଅଧିକ ଯତ୍ନଶୀଳ ଓ କ୍ରିୟାଶୀଳ କରିବା । ଗାଁ' ସ୍ତରର ଭାଷାକୁ ସମ୍ମାନର ସହ ଦୃଷ୍ଟି ଦେବାକୁ ପଡ଼ିବ । ଗ୍ରାମବାସୀଙ୍କ ମଧ୍ୟରେ ନିଜର ଭାଷା, ସଂସ୍କୃତିକୁ ନେଇ ପୁନର୍ଜାଗରଣ ହେବା ଦରକାର । ଆଦିବାସୀ ଜଣେ ଯେପରି ନିଜର ଭାଷାକୁ ନେଇ ହୀନମନ୍ୟତାର ଶିକାର ନହେବ, ସେହିଭଳି କାର୍ଯ୍ୟକଳାପ ବନ୍ଦ ହେବା ଦରକାର ।



ଆଦିବାସୀମାନଙ୍କ ଭାଷା ମଧ୍ୟରେ ନିଜର ସଂସ୍କୃତି, ସ୍ୱାବଲମ୍ବନ, ଆତ୍ମସ୍ୱାଭିମାନକୁ ନେଇ ସେମାନଙ୍କ ମଧ୍ୟରେ ବୀଜ ଅଙ୍କୁରିତ ହେବା ଦରକାର ।

ଓଡ଼ିଶା କ୍ଷେତ୍ରରେ ନେଇଥିବା ପଦକ୍ଷେପ ସମ୍ପର୍କରେ ଯଦି ଆମେ ଆଲୋଚନା କରିବା, ସରକାରଙ୍କ ତରଫରୁ ଆଦିବାସୀ ଅଂଚଳରେ ମାତୃଭାଷା ଆଧାରିତ ଶିକ୍ଷାଦାନ ନିମନ୍ତେ ସରକାରଙ୍କ ତରଫରୁ ଭାଷା ନୀତି ହୋଇଛି । ଜନଜାତି ବହୁଳ ଅଂଚଳରେ ଶିକ୍ଷାଦାନ ପାଇଁ ଆଞ୍ଚଳିକ ଭାଷାରେ ଶିକ୍ଷଣ ସାମଗ୍ରୀ, ଅଙ୍ଗନବାଡ଼ି ନିମନ୍ତେ ନୂଆ ଅରୁଣିମା ହୋଇଛି । କିନ୍ତୁ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ତଳରୁ ଉପରସ୍ତର ପର୍ଯ୍ୟନ୍ତ ଆନ୍ତରିକତା ରହିବା ଦରକାର । ଏଥିସହିତ ଗ୍ରାମୀଣ ଅଂଚଳରେ କଥିତ ଭାଷାରେ ଅନେକ ଭାଷା ସମ୍ବନ୍ଧୀୟ ସମ୍ବଳ ରହିଛି, ତାହା ଶିକ୍ଷାଦାନରେ ବ୍ୟବହାର ହେବା ଦରକାର । ଶିକ୍ଷକ ହୁଅନ୍ତୁ କିମ୍ବା ଶିକ୍ଷା କାର୍ଯ୍ୟକ୍ରମରେ ସଂପୃକ୍ତ ବ୍ୟକ୍ତିବିଶେଷ ମଧ୍ୟରେ ବହୁଭାଷୀ ଶିକ୍ଷାକୁ ଏକ ସୁଯୋଗ ଓ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିବା ଦରକାର । ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ମଧ୍ୟ ଏହାକୁ ଏକ ପ୍ରମୁଖ ଅଙ୍ଗ ଭାବରେ ଗ୍ରହଣ କରିବା ଦରକାର । ଶ୍ରେଣୀଗୃହରେ ବହୁଭାଷାଭାଷୀ ଶିଶୁ ଯେପରି ନିଜ ନିଜ ଭାଷାରେ ଶିକ୍ଷା ପାଇବାର ସୁଯୋଗ ପାଇବେ, ସେଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବା ଆବଶ୍ୟକ । ଏଥିରେ ଯିଏ ଶିକ୍ଷକ ହେବ, ତାକୁ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ଣ୍ଣୟ କରିବାକୁ ପଡ଼ିବ ।

ଶିକ୍ଷା ସମ୍ପର୍କ ଯୋଡ଼େ । ଶିକ୍ଷା ବାଟ କଢ଼ାଏ । ବହୁଭାଷୀକତା ତଥା ପ୍ରାଥମିକ ସ୍ତରରେ ବହୁଭାଷୀ ଶ୍ରେଣୀୟ ବ୍ୟବସ୍ଥା ସମ୍ପର୍କରେ ଅଧିକ ଅଧ୍ୟୟନ ହେବା ସହିତ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ହେବାର ଆବଶ୍ୟକତା ରହିଛି । ଏହାକୁ ନେଇ କେତୋଟି ହାତଗଣତି ଅନୁଷ୍ଠାନ, ବ୍ୟକ୍ତିବିଶେଷ ଏହାକୁ ଅଧ୍ୟୟନ କରି ପ୍ରୟୋଗ କରୁଛନ୍ତି କିମ୍ବା ଏହାର ପ୍ରୟୋଗକୁ ଉତ୍ସାହିତ କରୁଛନ୍ତି, କିନ୍ତୁ ଏହାକୁ ନେଇ ଅଧିକ ଆଲୋଚନା, ପ୍ରୟୋଗ, ଏହାକୁ ନେଇ ଅଧିକ ଓକିଲାତି ହେବା ଦରକାର । ବିଶ୍ୱବିଦ୍ୟାଳୟଗୁଡ଼ିକ ଭାଷା ବିଭାଗଗୁଡ଼ିକ ହେଉ, ତାଲିମ ଅନୁଷ୍ଠାନ ହେଉ କିମ୍ବା ଜିଲ୍ଲାସ୍ତରୀୟ ଡି.ଆଇ.ଇ.ଟି. ହେଉ, ଶିକ୍ଷାକ୍ଷେତ୍ରରେ କାର୍ଯ୍ୟରତ ସ୍ୱୟଂଚାଳିତ ଅନୁଷ୍ଠାନ ହେଉ, ଏହାକୁ କାର୍ଯ୍ୟକାରୀ କରିବା ହେଉ ଏ ସମ୍ପର୍କରେ ଅଧିକ ଅଧ୍ୟୟନ କରିବାକୁ ନେଇ ଆଗେଇ ଆସିବା ଦରକାର ।

ବହୁଭାଷୀକତାକୁ ଯଦି ଅଙ୍ଗନବାଡ଼ି କେନ୍ଦ୍ରରୁ ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପରୀକ୍ଷାମୂଳକ ଭାବରେ କେତୋଟି ବିଦ୍ୟାଳୟରେ ଗୁରୁତ୍ୱ ଦିଆଯିବ, ତେବେ ଏହାର ପ୍ରଭାବ ନିଶ୍ଚିତ ଭାବରେ ସମାଜରେ ଅଲଗା ପ୍ରକାର ପଡ଼ିବ । ବିବିଧତା ମଧ୍ୟରେ ସମତାର ପ୍ରଭାବ ସମାଜରେ ପଡ଼ିବ । ଏହାକୁ ତଳରୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତେ ହୃଦୟଙ୍ଗମ କଲେ ହିଁ ଏହାର କାର୍ଯ୍ୟକାରିତାର ପ୍ରଭାବ ସୁଦୂରପ୍ରସାରୀ ଭାବରେ ପଡ଼ିବ, ବିବିଧତା ମଧ୍ୟରେ ସମତା ସାକାର ହୋଇପାରିବ ।

କଥା ହେଉଛି, ଏ ସବୁ ଦିଗରେ ଆମେ ଯଦି ପ୍ରଶ୍ନ କରିବା, ଭାବିବା ଏ ଦିଗରେ କିଏ ଏ ସବୁ କରିବ? କିଏ ବିହନ ହେବ? କିଏ ଆଗେଇ ଆସିବ? ଆଦିବାସୀ ଅଂଚଳରେ ବିକାଶ ପ୍ରକ୍ରିୟା ଓ ସଶକ୍ତିକରଣ କାର୍ଯ୍ୟକ୍ରମ ଚାଲୁଅଛି । ବିକାଶ ସହିତ ଭାଷା, ସଂସ୍କୃତିର ପୁନରୁଦ୍ଧାର ପାଇଁ ସଠିକ୍ ନିର୍ଣ୍ଣୟ ନେବା ଦରକାର । ଏଥିରେ ଭାଷାର ବିବିଧତାକୁ ସମ୍ମାନ ଦେଇ ଆଲୋଚନା ଏବଂ ପ୍ରୋତ୍ସାହନ ହେବା ଦରକାର । ଏଥିପାଇଁ ଭାଷାବିତ୍, ଯେଉଁମାନଙ୍କର ଭାଷା, ସଂସ୍କୃତି, ବହୁଭାଷୀ ଶିକ୍ଷାଦାନରେ ବିଶ୍ୱାସ ରହିଛି ଏବଂ ସମାଜରେ ଅଙ୍ଗୀକାରବଦ୍ଧତା ରହିଛି, ସେମାନଙ୍କୁ ଏଥିରେ ସାମିଲ କରିବା ଦରକାର । ଶିକ୍ଷକ ସମାଜ ହେଉ, ଛାତ୍ରସମାଜ ହେଉ, କିମ୍ବା ଗୋଷ୍ଠୀଙ୍କ ମଧ୍ୟରେ ଭାଷା, ସଂସ୍କୃତିକୁ ନେଇ ଆତ୍ମସମ୍ମାନ ଜାଗ୍ରତ କରିବା ସହିତ ଶ୍ରେଣୀଗୃହରେ ବହୁଭାଷୀକତାକୁ ସ୍ୱତନ୍ତ୍ର ଓ ଗୁରୁତ୍ୱର ସହିତ ଦୃଷ୍ଟି ଦେବାକୁ ପଡ଼ିବ ।

*–ରାଣୀଗୁଡ଼ା, ରାୟଗଡ଼ା–୭୬୫୦୦୧*
*ଦୂରଭାଷ:୯୪୩୮୦୮୧୪୩୦*

# ସବୁଠାରୁ ଗରିବ ଜିଲ୍ଲାର ଆତ୍ମକାହାଣୀ

**ଡାଃ ସୁରେନ୍ଦ୍ର ନାଥ ଦାଶ**



ବହୁଦିନରୁ ଆତ୍ମକାହାଣୀ ଲେଖା ଅଭ୍ୟାସ ଛାଡିଗଲାଣି । ପିଲାଦିନେ ପାଠ ପଢିଲା ବେଳେ ଗୋଟାଏ ହଡା ବଳଦର ଆତ୍ମକାହାଣୀ ଲେଖୁଥିଲୁ, ଯିଏ ଜୀବନଯାକ ମାଲିକ ପାଇଁ ଖଟି ଶେଷକୁ କଂସେଇ ହାତକୁ ଯାଏ । ସେମିତି, ବଣଜଙ୍ଗଲରେ ପରିପୂର୍ଣ୍ଣ ନବରଙ୍ଗପୁର ଜିଲ୍ଲା ନିଜର ବିଶାଳ ଅରଣ୍ୟ ସମ୍ପଦ ଓ ଜଳସମ୍ପଦକୁ ରାଜ୍ୟବାସୀଙ୍କୁ ଉତ୍ସର୍ଗ କରି ଆଜି ସବୁଠାରୁ ଗରୀବ ଜିଲ୍ଲାର ମାନ୍ୟତା ପାଇଛି । ଓଡିଶାର ମାନଚିତ୍ରରେ ଉତ୍ତର ପଶ୍ଚିମ ଓ ଦକ୍ଷିଣ ପୂର୍ବ କଣକୁ ଗୋଜିଆ ହୋଇ ପଶିଯାଇଥିବା ଦିଓଟି ଅଣଓସାରିଆ ଲମ୍ବା ଇଲାକାରୁ ଗୋଟିଏ ମୁଁ (ନବରଙ୍ଗପୁର) ଓ ଅନ୍ୟଟି ମୋ ଭଳି ଦୁଃଖିନୀ ମୋର ସାନଭଉଣୀ ମାଲକାନାଗିରି । ଆମେ ଉଭୟ ଦାରିଦ୍ର୍ୟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛୁ । ମୋର କ୍ଷେତ୍ରଫଳ ପ୍ରାୟ ୫ ହଜାର ବର୍ଗ କିମି ଓ ଜନସଂଖ୍ୟା ୧୧ଲକ୍ଷ । ଆଗରୁ ମୁଁ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ସବ୍‌ଡିଭିଜନ ଥିଲି । ୧୯୯୨ ମସିହାରେ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଯୋଗୁ ପାଇଲି ।

ଚିରସ୍ରୋତା ଇନ୍ଦ୍ରାବତୀ ଓ ତାର ଅସଂଖ୍ୟ ଶାଖା ଜାଲ ପରି ମୋ ଦେହରେ ବହିଯାଉଛନ୍ତି । ବର୍ଷର ବାରମାସ ପାଣି ଥାଏ । ଗୋଟାଏ ଛୋଟ ବନ୍ଧ ବାନ୍ଧି ଦେଲେ ଖରାଦିନେ ଜଳରେ ଭରିଯାଏ । ଜିଲ୍ଲାର ନାଳି ଜମିରେ ଯେତେ ଦୁର୍ଭିକ୍ଷ ପଡିଲେ ମଧ୍ୟ ଫସଲ ହୁଏ ।

ଦିନ ଥିଲା ଇନ୍ଦ୍ରାବତୀ ନଦୀ ପଠାରେ ଫସଲର ହାଟ ବସୁଥିଲା । ଆଖୁ, ଧାନ, ଧୁଆଁପତ୍ର ପନିପରିବା, ବାଦାମ, ଅଳସିରେ ବିସ୍ତିର୍ଣ୍ଣ ପଠା ଭରିଯାଉଥିଲା। ମାତ୍ର ଇନ୍ଦ୍ରାବତୀରେ ଡ୍ୟାମ ହେଲାପରେ ଏହାର ଜଳକୁ କଳାହାଣ୍ଡି ଓ ଅବଶିଷ୍ଟ ଜଳ ତେଲ ନଦୀ ଦ୍ୱାରା ମହାନଦୀ ଅବବାହିକାକୁ ଚାଲି ଯାଇଛି । ନଈ ଶୁଖିଲା ପଡିଛି । ଯୋଜନା ଆରମ୍ଭରେ ପ୍ରତିଶ୍ରୁତି ଦିଆଯାଇଥିବା ଜଳ ନବରଙ୍ଗପୁରକୁ ଆସିପାରୁନି । ଏତେ ଆଖୁ ହେଲେ ମଧ୍ୟ ଆଖୁକଳର ସୁବିଧା ନାହିଁ । ଜୁନାଗଡ ନିକଟରେ ଥିବା ଆଖୁକଳ ଅଳ୍ପଦିନ ଚାଲି ଚାଷୀଙ୍କର ଟଙ୍କା ଠକି, ମିଲ ବନ୍ଦ କରି ଫେରାର ହୋଇଯାଇଛି । ସ୍ୱାଧୀନତା ପରେ ପରେ ନବରଙ୍ଗପୁର ଠାରେ ଗୋଟିଏ ଚିନିକଳ ସ୍ଥାପିତ ହୋଇଥିଲା । ତା' ଦ୍ୱାରା ତିଆରି ଈଷତ ନାଲି ଚିନି ଏବେବି ଲୋକେ ମନେରଖିଛନ୍ତି । ନବରଙ୍ଗପୁର ପାଖ ହିରିଲିଠାରେ ମଙ୍ଗଳମ ବିରଳା ତରଫରୁ ଗୋଟେ ପ୍ଲାଇଉଡ କାରଖାନା ବସିଥିଲା । ଏହା ଥିଲା ଜିଲ୍ଲାର ଏକମାତ୍ର ବୃହତ ଶିଳ୍ପ । ଲୋକମାନେ ମଧ୍ୟ ତାକୁ କାଠ ଯୋଗାଇବା ପାଇଁ ପର୍ଯ୍ୟାପ୍ତ ନିଳଗିରି ଗଛ ଲଗାଇଲେ । କେତେବର୍ଷ ହେବ ତାହା ହଠାତ ବନ୍ଦ ହୋଇଗଲା । ଲୋକେ ଲଗାଇଥିବା ନିଳଗିରି ଗଛକୁ ସୁଦୂର ଜେକେପୁର କିମ୍ବା ବେଜୱାଡା ସହରକୁ ପଠାଉଛନ୍ତି । ସେହିଭଳି ମୋର ରାଇଘର ଅଂଚଳର ମାଟି କପାଚାଷ (କୃଷ୍ଣ ମୃତ୍ତିକା) ପାଇଁ ବିଶେଷ ଉପଯୋଗୀ । କିଛି ବର୍ଷ ତଳେ ପ୍ରଚୁର କପା ମଧ୍ୟ ହେଉଥିଲା । ଗୋଟିଏ କପା ବିଜ୍ଞାନ କେନ୍ଦ୍ର ମଧ୍ୟ କାମ କରୁଥିଲା । କପା ପାଇଁ ଉମରକୋଟଠାରେ ଏକ ପ୍ରେସିଙ୍ଗ ମିଲ ଥିଲା । ମିଲଟି ୨/୩ ବର୍ଷ ଚାଲିଲା ପରେ ବନ୍ଦ ହୋଇଗଲା ଓ ମୁଁ ଶିଳ୍ପବିହୀନ ଜିଲ୍ଲାର ମାନ୍ୟତା ପାଇଲି । କପାଚାଷ ସଂପୂର୍ଣ୍ଣ ଉଠିଗଲା । ମକାଚାଷ ପାଇଁ ମୋର ଉମରକୋଟ ପ୍ରସିଦ୍ଧ । କୁହାଯାଏ ଏସିଆର ଅଧିକ ମକା ଏଠାରେ ହେଉଥିଲା । ପୂର୍ବ ପାକିସ୍ଥାନରୁ ଆସିଥିବା ଶରଣାର୍ଥୀମାନେ ଏହା ସଫଳତାର ସହ ଆରମ୍ଭ କଲାପରେ ଜିଲ୍ଲାସାରା ବ୍ୟାପି-ଗଲାଣି । ମାତ୍ର ମକାର ବ୍ୟବହାର ପାଇଁ ଅନେକ ପ୍ରତିଶ୍ରୁତି ପରେ ମଧ୍ୟ କାରଖାନାଟିଏ ବସିପାରିନି । ଫଳରେ ଅନେକ ଚାଷୀ ଆଉ ମକା ନକରି ବିଲରେ ନିଳଗିରି ଗଛ ଲଗାଉଛନ୍ତି ।

ଆଗେ ମୋର ପ୍ରତ୍ୟେକ ଗ୍ରାମରେ କୁଟିରଶିଳ୍ପ ଲୋକଙ୍କୁ ଦାନା ଯୋଗାଉଥିଲା । ଅନେକ ମାଟି ଶିଳ୍ପ ସୁନ୍ଦର ସୁନ୍ଦର ମାଟିରେ ଦୀପ, ମୂର୍ତ୍ତି ତିଆରି କରୁଥିଲେ । ଚନ୍ଦାହାଣ୍ଡିର ସାଗୁଆନ କାଠରେ ତିଆରି ହାତୀ, ଗଣେଷ ଓ ଅନ୍ୟାନ୍ୟ ମୂର୍ତ୍ତି ସାରା ଓଡିଶାରେ ଆଦୃତ ହେଉଥିଲା । ଅନେକ ମେହର ଓ ତନ୍ତି ସଂପ୍ରଦାୟ ଲୁଗା ବୁଣୁଥିଲେ । ପାପଡାହାଣ୍ଡିରେ ଚମଡା ଓ ମହୁ ଶିଳ୍ପ ଥିଲା । ଡାବୁଗାଁ ଝାଲିଆଗୁଡାରେ ଧାନରେ ମାଣ ଓ ମୂର୍ତ୍ତିମାନ ମିଳୁଥିଲା । ଡାବୁଗାଁର ବିଜାପୁର, ଡଙ୍ଗରିଗୁଡାରେ ସିଲିଭର ତରଳାଇ ମୂର୍ତ୍ତିମାନ କରୁଥିଲେ । ନବରଙ୍ଗପୁରର ଲାଖ ଶିଳ୍ପ ଭାରତରେ ବିଖ୍ୟାତ ଥିଲା । ଉମରକୋଟର ବାସିନିଠାରେ ପଥର ମୂର୍ତ୍ତି ମାନ ହେଉଥିଲା । ଲୋହରାମାନେ ଲୁହାର ଘର ଉପକରଣ କରୁଥିଲେ, ଯାହା ବଜାର ଠାରୁ ଉତ୍କୃଷ୍ଟ ଥିଲା । ଭୁଲ ନୀତି ଯୋଗୁ ବଢେଇମାନେ ଧନ୍ଦା ଛାଡିଲେ । ଆମ ଲୋକମାନେ ଜଗଦଳପୁରରୁ କାଠ ଜିନିଷ କିଣି ନିଜଘର ସଜାଇଲେ । କୁଟୀର ଶିଳ୍ପମାନ ପ୍ରୋତ୍ସାହନ ଅଭାବରୁ ବନ୍ଦ ହୋଇଗଲା । ସେମାନଙ୍କ ପ୍ରୋତ୍ସାହନ ପାଇଁ ଗଢାହୋଇଥିବା ପଲ୍ଲିଶ୍ରୀ ଯୋଜନା ଶିଳ୍ପୀଙ୍କ ଅର୍ଥ ହଡପ କରି ନିଜେ ବନ୍ଦ ହୋଇଗଲା । ଛତୁ ପରି ଗଢିଉଠିଥିବା ଚାଉଳକଳମାନ କେବଳ ସରକାରୀ ଚାଉଳ ରିସାଇକେଲିଙ୍ଗ କରନ୍ତି । ବସ୍ତାଏ ଚାଉଳ ବଜାରକୁ ଛାଡନ୍ତି ନାହି । ଅଟା, ଚାଉଳ, ତେଲ ସବୁ ରାୟପୁରରୁ ଆସେ । ଆମ ଯୋଜନା ଏପରି ଯେ ଆଳୁ ମିଶନରେ ଉମରକୋଟଠାରେ ବିରାଟ ଶୀତଳ ଭଣ୍ଡାର ତିଆରି ହେଲାପରେ ଆଳୁଚାଷ ମୋ ମାଟିରୁ ନିଶ୍ଚିହ୍ନ ହୋଇଗଲା ।

ଅସରନ୍ତି ଅବହେଳାର ଶିକାର ହୋଇଛି ମୁଁ । କେବିକେ ଯୋଜନାରେ କେନ୍ଦ୍ର ହଜାର ହଜାର କୋଟି ଟଙ୍କା ଅଜାଡି ଦେଲା । ଗରିବ ନିରାକାରଣ ପାଇଁ ମାଳ ମାଳ ଯୋଜନା ହେଉଛି । ମୋ' ଆଦିବାସୀ ପୁଅଙ୍କ ପାଇଁ ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ବଣ୍ଡା, ବିଦାଇ ଡେଭଲପମେଣ୍ଟ ଯୋଜନାମାନ ହେଲା ମାତ୍ର, ମୋ ପିଲାଙ୍କ ଭାଗ୍ୟ ବଦଳିଲା ନାହିଁ । ଶୀତଦିନେ ବିସ୍ତୀର୍ଣ୍ଣ ଧାନ, ଅଳସି ଖେତ, ଆଖୁ କିଆରି ବଣ, ମହୁଲ ଗଛରୁ ଝରି ପଡୁଥିବା ଫଳ, ଶାଳଗଛର ଗଛ ନଇଁ ଦେଉଥିବା ମଞ୍ଜି, କେନ୍ଦୁପତ୍ର, ଝୁଣା, ମହୁ ଭଳି ଅସରନ୍ତି ପ୍ରାକୃତିକ ଭଣ୍ଡାର ଦେଖି ମନ ଯେତିକି ଖୁସି ହୁଏ, କାହିଁକି ସବୁଥାଇ ମଧ୍ୟ ମୋ ପିଲାମାନେ ଦାରିଦ୍ର୍ୟର ମୁକୁଟ ପିନ୍ଧିଛନ୍ତି? ତାହା ମନକୁ ବିଷର୍ଣ୍ଣ କରିଦିଏ । ବିଭିନ୍ନ ଅନୈତିକ ଉପାୟରେ ଆଦିବାସୀଙ୍କ ଜମି ବାହାର ଲୋକଙ୍କ ହାତକୁ ଚାଲିଗଲାଣି । ଅନେକ କୋରାପୁଟର କନ୍ଧ ଜାତିର ଆଦିବାସୀ ଆସି ଜଙ୍ଗଲ ଧ୍ୱଂସ କରି ଜମି ଦଖଲ କରିଛନ୍ତି । ଦଣ୍ଡକାରଣ୍ୟ ଯୋଜନାରେ ଆଦିବାସୀଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରି ଶରଣାର୍ଥୀମାନଙ୍କୁ ଦିଆଗଲା । ଶତକଡା ୭୦ ଭାଗ ଲୋକ ଭୂମିହୀନ । କ'ଣ କରିବେ? ବହୁପ୍ରଚାରିତ ନେରେଗା ସରକାରୀ କାମ ମେସିନ କରୁଛି । ଚାଷକାମ ମଧ୍ୟ ମେସିନ କଲାଣି । ଉକ୍ତ ବେକାରୀରେ ଜିଲ୍ଲା ଆଚ୍ଛନ୍ନ ହୋଇପଡିଛି। ନିଜର ଅପାରଗତାକୁ ଘୋଡାଇବା ପାଇଁ ସରକାର ମାଗଣା ବାଂଟି ଚାଲିଛନ୍ତି । କୌଣସି ଶିଳ୍ପ ନାହିଁ । ଝିଅମାନେ ସିଲେଇ ଶିଖିବାକୁ ସୁଦୂର ତାମିଲନାଡୁ ଯାଉଛନ୍ତି । ଆମ ସରକାର ଏସଏସଜି ମାଧ୍ୟମରେ କାମ ଦେଉଛନ୍ତି ବୋଲି ତୁଚ୍ଛା ବାହାବା ନେଉଛନ୍ତି ଓ ସବସିଡି ବାଂଟି ଚାଲିଛନ୍ତି । ପିଲାମାନେ କାମ ନପାଇ ବାଙ୍ଗାଲୋର ନଚେତ ହାଇଦ୍ରାବାଦ ଯାଇ ରୋଗରେ ପଡି ଫେରୁଛନ୍ତି । ଯାହା ଯୋଜନା ଅର୍ଥ ଆସୁଛି ସରକାରୀ ବାବୁମାନେ ସ୍ୱାହା କରୁଛନ୍ତି । ବାଛି ବାଛି ଅପାରଗ ଦୁର୍ନୀତିପୂର୍ଣ୍ଣ ପ୍ରଶାସକମାନଙ୍କୁ ଦଳୀୟ ଏଜେଂଟ କରି ଜିଲ୍ଲାକୁ ପଠାଉଛନ୍ତି । ବାବୁମାନଙ୍କ ପାଣି ପାଇପରୁ ଟଙ୍କା ବାହାରୁଛି, କୋଠାଉପରୁ ଟଙ୍କା ବର୍ଷା ହେଉଛି। ଏଥିରୁ ଯୋଜନା କିପରି ହେଉଛି ଯଦି ସରକାର ନବୁଝିବେ, ତାହାହେଲେ କିଏ ବୁଝିବ? ଅମାପ ଖଣିଜ ସଂପଦର ମାଲିକ, ହାଲ, ନାଲକୋ, ଜେକେ, ଆଦିତ୍ୟ ଆଲୁମିନା, ସେବା ଭଳି ବୃହତ ଶିଳ୍ପ, ଅନେକ ବୃହତ ଜଳଭଣ୍ଡାର, ଖଣି ଥାଇ ମଧ୍ୟ ଅବିଭକ୍ତ କୋରାପୁଟରେ ଦାରିଦ୍ର୍ୟ ବସା ବାନ୍ଧିଛି । ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ନାମରେ ହଜାର ହଜାର କୋଟି ଟଙ୍କା କୁଆଡେ ଯାଉଛି? ରୋଗ ଟିକେ ହେଲେ ଭାଇଜାଗ ଯିବାକୁ ପଡୁଛି । ମୁହଁ ଲୁଚାଇ କାନ୍ଦି ନିଜ ଭାଗ୍ୟକୁ ନିନ୍ଦା କରିବା ଛଡା ମୁଁ କଣ ବା କରିବି । ମୋ ପଇସାରେ ବାବୁ ମାନେ ଭୁବନେଶ୍ୱରରେ ବଡ ବଡ କୋଠା ଫାର୍ମ ହାଉସ କରୁଛନ୍ତି। ଏହା ହିଁ ମୋର ସାନ୍ତ୍ୱନା, କାରଣ, ହାତୀ ବନସ୍ତରେ ରହିଲେ ବି ରାଜାର ।

*–ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮*




# ପୋଲିସ - ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ପୁରୀ,(ପି.ଏନ): ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା। ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଏସପି ଡଃ. କନୱ୍ୱର ବିଶାଲ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ମାନଙ୍କ ସୁରକ୍ଷା ଓ ଯାତ୍ରୀ ମାନଙ୍କ ସୁରକ୍ଷା ସହ ଯାତ୍ରୀ ମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଯାତାୟାତ ପାଇଁ ରଥଯାତ୍ରା ଦିନ ପ୍ରତ୍ୟୁଷରୁ ବଡଦାଣ୍ଡରେ କୌଣସି ଗାଡି ନ ରଖାଇଦେବା, ସେବାରେ ନିୟୋଜିତ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଧାରିତ ସ୍ଥାନରେ ସେବା ଯୋଗାଇବାରେ ସହଯୋଗ କରିବା, ଅଯଥା ଗହଳି କରାଇ ନ ଦେବା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଆଶୁ ଚିକିତ୍ସା ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରାର ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦୀଲିପ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସପି ମିହିର ପ୍ରସାଦ ପଣ୍ଡା, କମାଣ୍ଡାଂଟ ଲିଙ୍ଗରାଜ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସପି ଗୁଇନ୍ଦା ଜ୍ଞାନ ମହାପାତ୍ର, ଆସିଷ୍ଟାଣ୍ଟ କମାଣ୍ଡର ଜିତେନ୍ଦ୍ର କୁମାର ଦେହୁରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ରଞ୍ଜନ କୁମାର ବେହେରା, ସହକାରୀ ଜିଲ୍ଲାପାଳ ପର୍ଶୁରାମ ମଲ୍ଲିକ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ୮ ବର୍ଷ ଧରି ନିର୍ମାଣ ଚାଲିଛି ତନ୍ତିଆପାଳ ସେତୁ

ପଟ୍ଟାମୁଣ୍ଡାଇ, (ପି.ଏନ) କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ହଂସୁଆ ନଦୀର ତନ୍ତିଆପାଳ ଠାରେ ଥିବା ପୋଲ ୨୦୧୪ ମସିହା ମାର୍ଚ୍ଚ ୩ ତାରିଖରେ ଭୁଷୁଡି ପଡିଥିଲା । ସେହିବର୍ଷ ଜୁଲାଇ ମାସରେ ଟେଣ୍ଡର ହୋଇ ସେତୁ ନିର୍ମାଣ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଏହି ନିର୍ମାଣ ଆରମ୍ଭକୁ ୮ ବର୍ଷ ବିତିଛି । ତେବେ ସେତୁ ନିର୍ମାଣ ଅଦ୍ୟାବଧି ସରିନାହିଁ । ଫଳରେ ଭିତରକନିକା ପର୍ଯ୍ୟଟକ ଗହୀରମଥା ଅଂଚଳକୁ ଯାଇପାରୁ ନଥିବା ବେଳେ ଆଖପାଖର ୨୫ ଗ୍ରାମବାସୀ ଏହି ସେତୁ ପାଇଁ ପ୍ରାୟ ୧୫ କିଲୋମିଟର ରାସ୍ତା ବୁଲି ଯାଉଛନ୍ତି । ତୁରନ୍ତ ଏହି ସେତୁ ନିର୍ମାଣ ସାରିବାକୁ ଗହୀରମଥା କଇଁଛ ସଂରକ୍ଷଣ ସମିତି ପକ୍ଷରୁ ଦାବି ହୋଇଛି । ଏନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର ପ୍ରଦାନ କରାଯାଇଛି ।ସାମାଜିକ କର୍ମୀ ତଥା ଆଇନଜୀବୀ ଲକ୍ଷ୍ମଣ ରାଉତ କହିଛନ୍ତି ଯେ, କୁମ୍ଭୀର ଆତଯାତ କରୁଥିବା ହଂସୁଆ ନଦୀ ଉପରେ ୧୦୦ ଫୁଟର ଲୁହା ପୋଲ ଗତ ୪୨ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା । ପୋଲ ନିର୍ମାଣ ଫଳରେ ରାଜନଗର, ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ମଧ୍ୟରେ ଯୋଗାଯୋଗ ସମ୍ଭବ ହେଉଥିଲା । ଗତ ୮ ବର୍ଷ ପୂର୍ବେ ଏକ ପଥର ବୋଝେଇ ଟ୍ରକ ଯାଉଥିବା ବେଳେ ପୋଲଟି ଭୁଷୁଡି ପଡିଥିଲା । ଏହି ପୋଲଟି ଲୁହାରେ ତିଆରି ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ କଳଙ୍କି ଲାଗି ଭାଙ୍ଗି ପଡିଥିବା ଜଣାପଡିଥିଲା । ଏହି ଘଟଣାରେ କୌଣସି ଲୋକ ମୃତାହତ ହୋଇ ନଥିବା ବେଳେ ଲୋକଙ୍କ ଯାତାୟତ ପଥ ବନ୍ଦ ହୋଇଛି । ସମିତି ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି ଯେ, ଏହି ପୋଲ ଭିତରକନିକା ଓ ଗହୀରମଥାର ସଂଯୋଗୀ ରାସ୍ତା ଥିଲା । ଭିତରକନିକାକୁ ଆସୁଥିବା ପର୍ଯ୍ୟଟକ ଗହୀରମଥା ଅଂଚଳର ବରୁଣେଇ ଦ୍ୱୀପ, ହେନ୍ତାଳ ବଣ, ଅଗରନାଶୀ, ଗହୀରମଥାର ଅନ୍ୟ କଇଁଛ ପ୍ରଜନନ ସ୍ଥଳ ବୁଲି ଦେଖୁଥିଲେ ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇନ୍ଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇନ୍ଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଠାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଜିଲ୍ଲା ସ୍ତରୀୟ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା

ମାଲକାନଗିରି,(ପି.ଏନ):ମାଲକାନଗିରି ମହାବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତିୟ ନିଷିଦ୍ଧ ନିଷେତକ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୁଦ୍ଧ ଦିବସ ଅବସରରେ ଆନ୍ତଃଜିଲ୍ଲା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ମାଲକାନଗିରି ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମାଲକାନଗିରି ମହାବିଦ୍ୟାଳୟ, ଘଡେଇ ଆବାସିକ ମହାବିଦ୍ୟାଳୟ, ସତ୍ୟନାରାୟଣ ଆବାସିକ ମହାବିଦ୍ୟାଳୟ, ବାଲିମେଳା ମହାବିଦ୍ୟାଳୟ, ଶ୍ୟାମ ପ୍ରସାଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ କନିଷ୍ଠ ସହାୟକ, ସାମାଜିକ ସୁରକ୍ଷା ବିଭାଗ ଅନିଦିତା ରାୟ, ରବିକୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀମାନେ ଏବଂ ମାଲକାନଗିରି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରମୀୟ କୁମାର ମହାନ୍ତି, ତପନ କୁମାର ବେହେରା, ପ୍ରଦୀପ ରୋମ ଓ ଗୋକୁଳାନନ୍ଦ ପାତ୍ର ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟରୁ ୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଘଡେଇ ଆବାସିକ ମହାବିଦ୍ୟାଳୟର ଜୋସ୍ନାରାଣୀ ଗୌଡ଼ ପ୍ରଥମ, ରେବା ହାଲଦାର ଦ୍ୱିତୀୟ, ମଡେଲ କଲେଜର କ୍ରିଷ୍ଣା ମଜୁମଦାର ଓ ମାଲକାନଗିରି ମହାବିଦ୍ୟାଳୟର ଶୁଭ ବିଶ୍ୱାସ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ତର୍କ ପ୍ରତିଯୋଗିତାରେ ଶୁଭ ବିଶ୍ୱାସ ପ୍ରଥମ, ହେମା ମଜୁମଦାର ଦ୍ୱିତୀୟ ଓ ସ୍ନେହୀତା ବୈଦ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ନଦୀ, ପୋଖରୀକୁ ଗିଳୁଛି ବର୍ଦ୍ଧିତ ସହର : ବ୍ୟକ୍ତିଗତ ମାଲିକାନାକୁ ଚାଲିଗଲାଣି

## ଗୋବରୀ ନଦୀ, ପୋତି ହେଉଛି ୨୦ରୁ ଉର୍ଦ୍ଧ୍ୱ ପୁରୁଣା ପ୍ରସିଦ୍ଧ ପୋଖରୀ

ପଟ୍ଟାମୁଣ୍ଡାଇ, (ପି.ଏନ): ଓଡିଶାର ପ୍ରଥମ ମୁନିସିପାଲିଟି ଭାବେ ୧୮୬୯ ମାର୍ଚ୍ଚ ୧୦ରେ କେନ୍ଦ୍ରାପଡାକୁ ଘୋଷଣା ହୋଇଥିଲା । ଇତିମଧ୍ୟରେ ଏହି ମୁନିସିପାଲିଟି ଘୋଷଣାକୁ ୧୫୩ ବର୍ଷ ପୁରିଛି । କ୍ରମବର୍ଦ୍ଧିଷ୍ଣୁ ସହର ଏବେ ନଇ, ନାଳ, ପୋଖରୀକୁ ଗିଳିଦେଇଛି । ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସଠିକ ଧରଣର ଚାଲୁନାହିଁ । ପ୍ରାୟ ୨୦ରୁ ଉର୍ଦ୍ଧ ପୁରୁଣା ପ୍ରସିଦ୍ଧ ପୋଖରୀ ଓ ନାଳ ଆଳିଆ ଆବର୍ଜନାରେ ଭରିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବ ସହ ବର୍ଷ ସାରା ମଶାଙ୍କ ବାସସ୍ଥଳୀ ପାଲଟିଛି । ଏହି ପୁରାତନ ସହରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ସହରବାସୀ ଦାବି କରିଛନ୍ତି ।ଏ ସମ୍ପର୍କରେ ଅମରବର ବିଶ୍ୱାଳ କହିଛନ୍ତି ଯେ, ମାତ୍ର ୧୪ଟି ପଡା ଗ୍ରାମକୁ ନେଇ ଏହି ମୁନିସିପାଲିଟି ଗଠନ ହୋଇଥିଲା । ତତକାଳୀନ ସମୟରେ ଜଳପଥକୁ ବ୍ୟବହାର କରାଯାଉଥିଲା । ଏପରିକି ନଅଙ୍କ ଦୁର୍ଭିକ୍ଷ ସମୟରେ କେନ୍ଦ୍ରାପଡା କେନାଲ, ଗୋବରୀ ନଦୀ ଆଦିରେ ନୌପରିବହନ ହେଉଥିଲା । ଇତିମଧ୍ୟରେ ସହରର ୨୧ ୱାର୍ଡରେ ମାତ୍ର ଗୋଟିଏ ଦୁଇଟି ପୋଖରୀ ଦେଖାଯାଉଛି । ପ୍ରାୟ ୨୦ଟି ପୁରୁଣା ପ୍ରସିଦ୍ଧ ପୋଖରୀ ଓ ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି । ନାଳ ଓ ପୋଖରୀଗୁଡିକ ଆବର୍ଜନାରେ ଭର୍ତି ହୋଇଛି । ଫଳରେ ମଶା ମାଛିଙ୍କ ଉପଦ୍ରବ ସହ ପରିବେଶ ଦୂଷିତ କରୁଛି । କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରି ଓ ନାଳର ପୁର୍ନଉଦ୍ଧାର ହୋଇପାରନ୍ତା । ତେବେ ସ୍ଥାନୀୟ ନେତୃତ୍ୱର ଅଭାବ ସହିତ ପ୍ରଶାସକଙ୍କର ଏଥିପ୍ରତି ଦୃଷ୍ଟି ପଡୁନାହିଁ । ସମାଜସେବି ରଣଧୀର ଜେନା କହିଛନ୍ତି ଯେ, ଜଳ ନିଷ୍କାସନ ସମସ୍ୟା ପାଇଁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି । ମହିପାଳ, ବଣିଆମାଳ, ନୂଆ ବସଷ୍ଟାଣ୍ଡ ଆଦି ପୋଖରୀଗୁଡିକ ପୌରପାଳିକା ଅଧୀନରେ ଥିଲେ ମଧ୍ୟ ସଫା ହୋଇପାରୁ ନାହିଁ । ଏପରିକି ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀର ପୁର୍ନଉଦ୍ଧାର ହୋଇନାହିଁ । ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ଅସମ୍ଭାଳ ହୋଇଛି । ସୁଚିନ୍ତିତ ଯୋଜନା ନଥିବାରୁ ରାସ୍ତାଗୁଡିକ ସଂକୁଚିତ ହୋଇରହିଛି । ଉଚ୍ଛେଦକୁ ସ୍ଥାନୀୟ ଲୋକ ମାନୁ ନଥିବାରୁ ଜବରଦଖଲ ସମସ୍ୟା ବଢ଼ିଛି । ଗୋବରୀ ନଦୀ ପଠା ଓ ଗୋବରୀ କେନାଲର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି । କେଉଁ ପରିସ୍ଥିତିରେ ଏହି ଜବରଦଖଲକାରୀଙ୍କୁ ଜମି ଦଖଲ ପାଇଁ ମଞ୍ଜୁରୀ ମିଳିଛି ବୋଲି ପ୍ରଶ୍ନ କଲେ ଏହାର ଉତର ପ୍ରଶାସକ ଦେଇପାରୁ ନାହାନ୍ତି । ରାସ୍ତା ସଂପ୍ରସାରଣ ସମୟରେ ବିଦ୍ୟୁତ ଖୁଂଟ ଉଠାଯାଉ ନଥିବାରୁ ଯାତାୟତ ସମୟରେ ଗାଡିମୋଟର ଅଟକି ରହୁଛି । ସେହିପରି ସହର ପାଇଁ ଦ୍ୱିତୀୟ ବାଇପାସ ରୋଡ ନିର୍ମାଣ କାର୍ଯ୍ୟ ବହୁଦିନରୁ ଅଟକି ରହିଛି । ସାମାଜିକ କର୍ମୀ ସମ୍ପଦ ଦାଶ କହିଛନ୍ତି ଯେ, ରାଜ୍ୟର ଏହି ସର୍ବପୁରାତନ ସହରର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ । ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଅନୁଦାନ ଯୋଗାଇବା କଥା । ଏକା ଯାଜପୁର ସହରର ଉନ୍ନୟନ କାର୍ଯ୍ୟ ସମ୍ମୁଖରେ କେନ୍ଦ୍ରାପଡା ପୌରାଂଚଳ ବହୁ ପଛରେ ପଡିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁ କହିଛନ୍ତି ଯେ, ବିଗତ କିଛି ବର୍ଷ ମଧ୍ୟରେ ସହରର ରୂପରେଖ ବଦଳିଛି । ଆଲୋକୀକରଣ, ରାସ୍ତାଘାଟର ଉନ୍ନତି ସହିତ ପାର୍କ ଆଦି ସ୍ଥାପନ ହୋଇଛି । ଏହାବ୍ୟତିତ ପ୍ରତି ୱାର୍ଡ ମଧ୍ୟରେ ଥିବା ସ୍ଥାନୀୟ ସମସ୍ୟାଗୁଡିକ ବିଧାୟକ, କାଉନସିଲରଙ୍କ ସହ ପୌର ପ୍ରଶାସନ ଅନୁଧ୍ୟାନ କରୁଛି । ଖୁବ ଶିଘ୍ର ଏହି ସହରକୁ ରାଜ୍ୟର ଉନ୍ନତ ସହର ମଧ୍ୟରେ ରଖିବାକୁ ପ୍ରକୀୟା ଜାରି ରହିଛି ।

## ଚାଷୀ ଏବେ ଚାଷ ପ୍ରତି ବିମୁଖ

ପଟ୍ଟାମୁଣ୍ଡାଇ,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଂଚଳର ବହୁ ଚାଷୀ ଏବେ ଚାଷ ପ୍ରତି ବିମୁଖ ହେଉଛନ୍ତି । ଏହି ଅଂଚଳରେ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି । ମାତ୍ର ଚାଷରୁ ପୂର୍ବଭଳି ଲାଭ ହେଉ ନ ଥିବାରୁ ଚାଷୀ ଚାଷ କରିବାକୁ ମନ ବଳାଉ ନାହାନ୍ତି । ଏଥିପାଇଁ କୃଷି, ସମବାୟ ବିଭାଗ, ସାର ଓ କୀଟନାଶକ ବ୍ୟବସାୟୀ ଏକ ପ୍ରକାର ଦାୟୀ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ବାତ୍ୟା ଓ ମରୁଡିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ବିଭାଗ କିମ୍ବା ବୀମା କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଠିକ୍ ଭାବେ ମିଳିପାରି ନାହିଁ । ମୂଲିଆ ମଜୁରୀ ମଧ୍ୟ ବଢିବାରେ ଲାଗିଥିବାରୁ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଚାଷୀ ପାଉ ନାହାନ୍ତି । ଏହା ମଧ୍ୟ ଚାଷରୁ ବିମୁଖ ହେବାର ଅନ୍ୟଏକ କାରଣ କୁହାଯାଉଛି ।ଉଦାହରଣ ସ୍ୱରୂପ ପଟ୍ଟାମୁଣ୍ଡାଇ ବ୍ଲକରେ ବିଗତ ବର୍ଷଗୁଡିକରେ ୧୫ ହଜାର ୭୪ ହେକ୍ଟର ଜମିରେ ଧାନଚାଷ କରାଯାଉଥିଲା । କିନ୍ତୁ, ଚଳିତ ବର୍ଷ ୧୦ ହଜାର ୪ ଶହ ହେକ୍ଟର ଜମିରେ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବ୍ଲକରେ ଏବେ ୧୩ଟି ସମବାୟ ସମିତି ସହ ୨୪ଟି ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ସାର ଓ କୀଟନାଶକ ବିକ୍ରି କରିବା ପାଇଁ ସ୍ଥିର କରାଯାଇଥିବା କୃଷି ଅଧିକାରୀ କହିଛନ୍ତି । ବିଲରେ ଧାନ ବୁଣିବା ପରେ ଗ୍ରୋମୋର ସାର ବ୍ୟବହାର କରାଯାଇଥାଏ । ଏହି ସାର ଏବେ ଲାଇସେନ୍ସପ୍ରାପ୍ତ ଦୋକାନରେ ମିଳୁ ନ ଥିବା କୃଷକ ମାନେ ଅଭିଯୋଗ କରିଥିବା ଜଣାପଡିଛି । ଏ ନେଇ ଅତିରିକ୍ତ କୃଷି ଅଧିକାରୀ ଭଦ୍ର ନାରାୟଣ ଦାସଙ୍କୁ ପଚାରିବାରୁ, ବର୍ତ୍ତମାନ ସୁଦ୍ଧା ୨ଶହ ହେକ୍ଟର ଶାରଦ ବିଲରେ ଧାନ ବୁଣା ସରିଛି। ଏବେ ମୌସୁମୀ ବାୟୁ ସକ୍ରିୟ ହେବାରୁ ଚାଷୀ ଧାନ ବୁଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ମୂଲିଆ ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀ ଅନେକ ସମୟରେ କ୍ଷତିର ସମ୍ମୁଖୀନ ହେଉଛନ୍ତି । ତେଣୁ ଚାଷର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ସହ ଅଧିକ ଅମଳକ୍ଷମ ନୂତନ ବିହନ ବ୍ୟବହାର କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଅଧିକାରୀଙ୍କ ମନମାନୀ, ହନ୍ତସନ୍ତ ହେଉଛନ୍ତି ଡାକ୍ତର

ଘସିପୁରା, (ପି.ଏନ): ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଅଧିକାରୀଙ୍କ ମନମାନୀ ଯୋଗୁ ଜଣେ ଡାକ୍ତର ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଂଚିତ ହୋଇ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି ।ସୂଚନାରୁ ଜଣାଯାଏ, ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସଞ୍ଜିବ କୁମାର ମହାପାତ୍ର ନାମକ ଜଣେ ଡାକ୍ତର ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବାବେଳେ ଶାରିରୀକ ଅସୁସ୍ଥତା କାରଣରୁ ଗତ ୨୬।୫ ରୁ ଛୁଟି ଦରଖାସ୍ତ ଦେଇ ୨୮।୫ ତାରିଖଠାରୁ ଛୁଟିରେ ରହିଥିଲେ । ଗତ ୨୨।୬ ରିଖ ଦିନ ଡାକ୍ତର ସଞ୍ଜିବ କୁମାର ମହାପାତ୍ର କାର୍ଯ୍ୟରେ ଯୋଗଦେବା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ନିକଟରେ ଦରଖାସ୍ତ ଦେଇଥିବା ବେଳେ ଉକ୍ତ ଦରଖାସ୍ତକୁ ଗ୍ରହଣ ନକରି ଫେରାଇ ଦେଇଥିଲେ । ଏଥିରେ ଡାକ୍ତର ସଞ୍ଜିବ କୁମାର ମହାପାତ୍ର ମାନସିକ ଅଶାନ୍ତି ହେବା ସହିତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ନିକଟକୁ ଏହାକୁ ଡାକ ଯୋଗୁ ପ୍ରେରଣ କରିବା ସହିତ ଏ ସଂପର୍କରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛନ୍ତି । ଏ ସଂପର୍କରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଆପଣ ଏ ସଂପର୍କରେ କିଛି ଜାଣିନାହାନ୍ତି ବୋଲି ସେ କହିଛନ୍ତି । ଏପରି ସ୍ଥିତିରେ ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଦରକାର ବୋଲି ବୁଦ୍ଧିଜିବୀ ଦାବୀ କରିଛନ୍ତି ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇô8;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ମୋ ସହର

## କୃଷକ ଓ ଶ୍ରମିକଙ୍କ ସମସ୍ୟା ନେଇ ନୂତନ ଜିଲ୍ଲାପାଳଙ୍କ ସହିତ ଆଲୋଚନା ଓ ଦାବିପତ୍ର ପ୍ରଦାନ

ନୂଆପଡା, (ପି.ଏନ): ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘ ତଥା ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ର ଆବାହକ ଶ୍ରୀ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ନୂତନ ଜିଲ୍ଲାପାଳ ଙ୍କୁ ଭେଟି ଫୁଲତୋଡା ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ବିଶେଷ କରି ରବି ଧାନ ମଣ୍ଡି ,ଗତବର୍ଷର ମରୁଡି,ଓ ଜିଲ୍ଲା ର ଅଣ ସଂଗଠିତ ଶ୍ରମିକ,ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଚର୍ଚ୍ଚା ଆଲୋଚନା କରି ଥିଲେ,ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଓ ଗୋଟିଏ ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ରେ ଗତ ଖରିଫ ୨୦୨୧ ମରୁଡି ରେ ଜିଲ୍ଲାର ଅତିକମରେ ପଚିଶ ଗ୍ରାମପଞ୍ଚାୟତ ର ଶତକଡା ପଚାଶ ଭାଗ ତଥା ଦଶ ହଜାର ହେକ୍ଟର ରୁ ଉର୍ଦ୍ଧ୍ୱ ଫସଲ ହାନୀ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ମରୁଡ଼ି ଘୋଷଣା ହୋଇପାରିଲା ନାହିଁ।ଏଣୁ ଫସଲ ହାନୀ ହୋଇଥିବା ଅଞ୍ଚଳ କୁ ତୁରନ୍ତ ମରୁଡି ଘୋଷଣା କରି ଆର୍ଥିକ ସହାୟତା ଯୋଗେଇଦେବା ପାଇଁ ଦାବି କରାଯାଇଛି।ବର୍ତ୍ତମାନ ବିଭିନ୍ନ ରବି ଧାନ ମଣ୍ଡି ବିଶେଷକରି ନୂଆପଡ଼ା ବ୍ଲକ ର ବିଭିନ୍ନ ମଣ୍ଡିରେ ପଚାଶ ହଜାର ରୁ ଉର୍ଦ୍ଧ୍ୱ ଧାନ ବସ୍ତା ପଡିଛି ଓ ବର୍ଷା ରେ ଭିଜି ନଷ୍ଟ ହେଉଛି,ରାଜ୍ୟ ସରକାରଙ୍କ ଠାରୁ ଆବଶ୍ୟକ ଟାର୍ଗେଟ ମଗେଇ ତୁରନ୍ତ ତିନି ଦିନ ଭିତରେ ମଣ୍ଡି ଖାଲି କରିବା ପାଇଁ ଦାବୀ କରାଯାଇଛି।୨୦୧୭-୧୮-୧୯ ର ଚାଷୀ ମାନଙ୍କ ବକେୟା ଫସଲ ବୀମା ତୁରନ୍ତ ପ୍ରଦାନ, ୨୦୨୦ ମସିହାରୁ ଉଠା ଜଳସେଚନ ବିଭାଗରେ ଅର୍ଥ ପୈଠ କରି ଜିଲ୍ଲାର ଅପେକ୍ଷାରତ ହଜାର ହଜାର ଚାଷୀ ଙ୍କ କୂପ ଖୋଳିବା ପାଇଁ ତୁରନ୍ତ ପଦକ୍ଷେପ, ୨୦୨୧ ର ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ପିଆଜ ଓ ପନିପରିବା ଚାଷୀଙ୍କୁ ଓଡିଶା ରିଲିଫ କୋର୍ଡ଼ ମୁତାବକ କ୍ଷତି ପୂରଣ, ଚଳିତ ଖରିଫ ଋତୁ ପାଇଁ ଆବଶ୍ୟକ ବିହନ ଓ ସାର ଯୋଗାଣ ବିଶେଷକରି ଅଭାବୀ ସାର ବିକ୍ରୀ ଓ କଳା ବଜାରୀ ରୋକିବା ଇତ୍ୟାଦି ସମସ୍ୟା ଉପରେ ବିସ୍ତୃତ ଚର୍ଚ୍ଚା କରି ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବୀ ପତ୍ର ରେ ଗତ ୧୩ ଜୁନରେ ସାରାବଙ୍ଗ, ମୋହରାଡ଼ିହି,ଖୁଟବନ ଭେରା ଅଞ୍ଚଳର ଶହ ଶହ ଚାଷୀ ପ୍ରଚଣ୍ଡ ରୌଦ୍ରତାପ ରେ ଭୋର ପ୍ରାୟ ତିନି ଟା ରୁ ରାତି ପର୍ଯ୍ୟନ୍ତ ଭୋକ ଶୋଷରେ ମଣ୍ଡିରୁ ନିଜ ଖର୍ଚ୍ଚରେ ଟ୍ରାକ୍ଟର ଭଡା କରି ମଣ୍ଡିରୁ ଖରିଆର ରୋଡ ର ବିଭିନ୍ନ ମିଲ ଗୁଡିକୁ ନିଜ ଧାନ ଆଣି କିଲୋମିଟର ବ୍ୟାପି ଲମ୍ବା ଲାଇନ ଲାଗେଇଥିଲେ।ଉତ୍ୟକ୍ତ ଚାଷୀ ନିର୍ମଳ ରାଇସ ମିଲ କୁ ତଥା ରାଷ୍ଟ୍ରୀୟ ରାଜପଥ ୩୫୩ କୁ ଦୀର୍ଘ ସମୟ ଅବରୋଧ କରିଥିଲେ, ଯହିଁରେ ଏ.ସି.ଏସ.ଓ. ଆନ୍ଦୋଳନସ୍ଥଳୀ କୁ ପହଞ୍ଚି ଚାଷୀଙ୍କୁ ଲିଖିତ ପ୍ରତିଶୃତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉଚ୍ଚ ସ୍ତରୀୟ କମିଟି ଗଠନ କରି ଅସାଧୁ ପେକ୍ସ କର୍ମଚାରୀ,ମିଲ ମାଲିକ,ଯୋଗାଣ ବିଭାଗ କର୍ମଚାରୀ ଙ୍କ ବିରୁଦ୍ଧରେ ଯିଏ ବି ଦୋଷୀ ପାଇବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ର ପ୍ରତିଶୃତି କୁ ତୁରନ୍ତ କାର୍ଯ୍ୟକାରୀ କରିବା,ମଣ୍ଡିରୁ ମିଲକୁ ଧାନ ପରିବହନ କରିଥିବା ଚାଷୀ ଙ୍କୁ ଭଡା ଖର୍ଚ୍ଚ ତୁରନ୍ତ ପ୍ରଦାନ କରିବା,ଜିଲ୍ଲା କୁ ଆବଶ୍ୟକ ଥିବା ଟାର୍ଗେଟ ଆଣି ତୁରନ୍ତ ତିନି ଦିନ ଭିତରେ ସମସ୍ତ ରବି ଧାନ ମଣ୍ଡିରେ ପଡିଥିବା ହଜାର ହଜାର ଧାନ କୁ ଖାଲି କରିବା ପାଇଁ ଆଲୋଚନା ଓ ଦାବୀ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘ ତରଫରୁ ପୃଥକ ଏକ ଦାବିପତ୍ର ରେ ଜିଲ୍ଲାର ଅଣସଙ୍ଗଠିତ ଶ୍ରମିକ,ନିର୍ମାଣ ଶ୍ରମିକ ଓ ମନରେଗା ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ ସହିତ ନୂତନ ଜିଲ୍ଲାପାଳ ଙ୍କ ସହିତ ବିସ୍ତୃତ ଚର୍ଚ୍ଚା ହୋଇଥିଲା। ଖରିଆର ରୋଡ ରୁ ଜିଲ୍ଲା ସଦର ମହକୁମା କୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ କୁ ତୁରନ୍ତ ସ୍ଥାନାନ୍ତରଣ,ଶ୍ରମ କାର୍ଯ୍ୟାଳୟ ରେ ଖାଲିଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ, ପ୍ରତ୍ୟେକ ବ୍ଲକରେ ଶ୍ରମ ଅଧିକାରୀ ଙ୍କ କାର୍ଯ୍ୟାଳୟ ଖୋଲିବା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରେ ବିଗତ ତିନି ବର୍ଷରୁ ପଡି ରହିଥିବା ସହାୟତା ରାଶି ର ଦରଖାସ୍ତ ଯଥା ଯନ୍ତ୍ରପାତି,ବିବାହ, ମୃତ୍ୟୁକାଳୀନ,ପ୍ରସବ କାଳୀନ,ଚିକିତ୍ସା, ସୁରକ୍ଷା ଉପକରଣ, ଛାତ୍ର ବୃତ୍ତି,ଘର ତିଆରି ସହାୟତା ର ଆବେଦନ ଗୁଡିକୁ ତୁରନ୍ତ ସମାଧାନ କରାଯାଇ ଅପେକ୍ଷା ରତ ହିତାଧିକାରୀ ଙ୍କୁ ପ୍ରଦାନ, ପ୍ରତ୍ୟେକ ବ୍ଲକରେ ଶ୍ରମିକ ଙ୍କ ଆନୁଷଙ୍ଗିକ ସୁବିଧା ସମ୍ପର୍ଣ୍ଣ ବିଶ୍ରାମସ୍ଥଳୀ ନିର୍ମାଣ,ମନରେଗା ଶ୍ରମିକ ଙ୍କୁ ବକେୟା ପାଉଣା ପ୍ରଦାନ ସହିତ ବ୍ୟାପକ କାମ ଯୋଗାଣ,ଶ୍ରମିକ ପଳାୟନ ସମସ୍ୟା ଓ ତାର ନିରାକରଣ ଆଦି ବିଭିନ୍ନ ଦାବି ଉପରେ ଆଲୋଚନା ହେବା ସହିତ ସମସ୍ୟା ସମାଧାନ ପାଇଁ ଦାବୀ କରାଯାଇଥିଲା। ଜିଲ୍ଲାର ଚାଷୀ ଓ ଶ୍ରମିକଙ୍କ ସମସ୍ତ ପ୍ରମୁଖ ସମସ୍ୟା ଉପରେ ଦୃଷ୍ଟି ରଖି ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ପାଇଁ ନୂତନ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ।ଏହି ପ୍ରତନିଧି ମଣ୍ଡଳୀରେ ଶୁକ୍ଳାମ୍ବର ନିଆଳ,ପ୍ରଦୀପ ଦଣ୍ଡସେନା, ଭକ୍ତବନ୍ଧୁ ଧରୁଆ,ଜ୍ଞାନରଞ୍ଜନ ସାହୁ,ଯଯାତି ମେହେର,କୁଞ୍ଜବିହାରି କଟା, ଅନିରୁଦ୍ଧ ନାଗ ପ୍ରମୁଖ ସାମିଲ ହୋଇଥିଲେ। ହିନ୍ଦୁସ୍ଥାନ ସମାଚାର/ ହେମନ୍ତ/

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏ ନେଇ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଯୁଗ୍ମ ଶୁଣାଣୀ ଶିବିରରେ ଜିଲ୍ଲାପାଳ ସୁଦର୍ଶନ କେ ଚକ୍ରବର୍ତ୍ତୀ ,ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କଟାରିଆ,ଉପ ଜିଲ୍ଲାପାଳ ମନୋଜ କୁମାର ପାଢୀ,ଶ୍ରୀ ଗୌରବ ଶିବାଜୀ,ମନୋଜ ପାଢୀ,ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦିଗନ୍ତରାଉତରାୟ, ଡେପୁଟି କଲେକ୍ଟର ଗ୍ରିଭାନ୍ସ ସୁଚେତା ମହାପାତ୍ର ବେଗୁନିଆ ତହସିଲଦାର ପୃଥ୍ୱିରାଜ ମଣ୍ଡଳଙ୍କ ସମେତ ବହୁ ପଦାଦ୍ଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀରେ ସହଯୋଗ କରିଥିଲେ । ଏଥିରେ ମଧୁବାବୁ ପେନସନ,ଦିବ୍ୟାଙ୍ଗ ଭତା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ରାସ୍ତା,ବିଦ୍ୟୁତ ସମସ୍ୟା,ପାଣି ସମସ୍ୟା ଆଦି ଲୋକମାନେ ଉପସ୍ଥାପନ କରିଥିଲେ । ଏହି ଶୁଣାଣୀରେ ୩୫୫ ଗୋଟି ସମସ୍ୟା ଭିତରୁ ୩୪୮ ଟି ବ୍ୟକ୍ତିଗତ,୭ ଗୋଟି ସମୁହ,୯ ଜଣଙ୍କର ତୁରନ୍ତସମାଧାନ,ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୪ ହଜାର ସହାୟତା ପ୍ରଦାନ, ୨ ଗୋଟି ହ୍ୱିଲ ଚେୟାର ଓ ୨ ଗୋଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା ।ଏହି ସଭାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ଅଧ୍ୟକ୍ଷା ସାବିତ୍ରୀ ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ନୂତନ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇବା ସହ ଯୁଗ୍ମ ଶୁଣାଣୀ ଶିବିରରେ ବହୁ ଲୋକ ସମାଗମ ହୋଇଥିବା ବେଳେ ଲୋକମାନଙ୍କ ପାଇଁ ପାଣି ଓ ତମ୍ବୁର ବ୍ୟବହାର ହୋଇ ନଥିଲା । ବହୁ ଦୂର ଦୁରାନ୍ତରୁ ପଂଚାୟତରୁ ଆସିଥିବା ଜନସାଧାରଣ ଲମ୍ବା ଲାଇନରେ ଖରାରେ ଛିଡା ହୋଇ ନିଜର ଅଭିଯୋଗ ପଞ୍ଜୀକରଣ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ ।

### ବୁଲେଟକୁ ପଛରୁ ପିଟିଲା ବୋଲେରୋ,ଜଣେ ମୃତ୍ୟୁ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟସ୍ଥ ଗୋଡିପୋଖରୀ ନିକଟରେ ଏକ ବୁଲେଟକୁ ପଛରୁ ଧକ୍କା ଦେବାରୁ ବୋଲରୋ ବାଇକ ଚାଳକ ଜଣକ ଛିଟିକି ପଡି ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି ।ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କ ସୂଚନା ମୁତାବକ ଯାଜପୁର ଜିଲ୍ଲା ବରୀ ବ୍ଲକ ଅଂର୍ଗତ ମହାକାଳପଡା ରତ୍ନଗିରି ଅଂଚଳର ନୀଳମଣି ଜେନାଙ୍କ ପୁଅ ନରେନ୍ଦ୍ର (୨୮) ବେଗୁନିଆ ଥାନା ନିକଟରେ ଥିବା ରୟାଲ ଏନଫିଲଡ ବୁଲେଟ କମ୍ପାନୀର ଡେଲିଭରୀ ବୟ ଭାବରେ କାର୍ଯ୍ୟ କରୁଥିଲେ । ସୋମବାର ଅପରାହ୍ନରେ ବେଗୁନିଆରୁ ଖୋର୍ଦ୍ଧା ଅଭିମୁଖେ ଓଡି୦୨ସି ଏ ୩୯୪୦ ନମ୍ବର ବିଶିଷ୍ଟ ବୁଲେଟ ଯୋଗେ ଯାଉଥିବା ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ନିକଟସ୍ଥ ଗୋଡିପୋଖରୀ ନିକଟରେ ଓଡି ୨୫ କେ ୪୯୦୮ ନମ୍ବର ବିଶିଷ୍ଟ ବୋଲେରୋ ପଛପଟରୁ ଧକ୍କା ଦେଇଥିଲା ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏ ନେଇ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଯୁଗ୍ମ ଶୁଣାଣୀ ଶିବିରରେ ଜିଲ୍ଲାପାଳ ସୁଦର୍ଶନ କେ ଚକ୍ରବର୍ତ୍ତୀ ,ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କଟାରିଆ,ଉପ ଜିଲ୍ଲାପାଳ ମନୋଜ କୁମାର ପାଢୀ,ଶ୍ରୀ ଗୌରବ ଶିବାଜୀ,ମନୋଜ ପାଢୀ,ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦିଗନ୍ତରାଉତରାୟ, ଡେପୁଟି କଲେକ୍ଟର ଗ୍ରିଭାନ୍ସ ସୁଚେତା ମହାପାତ୍ର ବେଗୁନିଆ ତହସିଲଦାର ପୃଥ୍ୱିରାଜ ମଣ୍ଡଳଙ୍କ ସମେତ ବହୁ ପଦାଦ୍ଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀରେ ସହଯୋଗ କରିଥିଲେ । ଏଥିରେ ମଧୁବାବୁ ପେନସନ,ଦିବ୍ୟାଙ୍ଗ ଭତା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ରାସ୍ତା,ବିଦ୍ୟୁତ ସମସ୍ୟା,ପାଣି ସମସ୍ୟା ଆଦି ଲୋକମାନେ ଉପସ୍ଥାପନ କରିଥିଲେ । ଏହି ଶୁଣାଣୀରେ ୩୫୫ ଗୋଟି ସମସ୍ୟା ଭିତରୁ ୩୪୮ ଟି ବ୍ୟକ୍ତିଗତ,୭ ଗୋଟି ସମୁହ,୯ ଜଣଙ୍କର ତୁରନ୍ତସମାଧାନ,ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୪ ହଜାର ସହାୟତା ପ୍ରଦାନ, ୨ ଗୋଟି ହ୍ୱିଲ ଚେୟାର ଓ ୨ ଗୋଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା ।ଏହି ସଭାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ଅଧ୍ୟକ୍ଷା ସାବିତ୍ରୀ ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ନୂତନ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇବା ସହ ଯୁଗ୍ମ ଶୁଣାଣୀ ଶିବିରରେ ବହୁ ଲୋକ ସମାଗମ ହୋଇଥିବା ବେଳେ ଲୋକମାନଙ୍କ ପାଇଁ ପାଣି ଓ ତମ୍ବୁର ବ୍ୟବହାର ହୋଇ ନଥିଲା । ବହୁ ଦୂର ଦୁରା'ରୁ ପଂଚାୟତରୁ ଆସିଥିବା ଜନସାଧାରଣ ଲମ୍ବା ଲାଇନରେ ଖରାରେ ଛିଡା ହୋଇ ନିଜର ଅଭିଯୋଗ ପଞ୍ଜୀକରଣ କରୁଥିବାରୁ ଅସ'ୋଷ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମକୁ ଜିପିଓ ଦେବାଶିଷ ସାହୁ ପରିଚାଳନା କରିଥିଲେ ।ଶାଂି ଶୃଙ୍ଖଳା ରକ୍ଷା କରିବା ପାଇଁ ଏସଡିପିଓ ସୁଶିଳ କୁମାରଙ୍କ ନେତୃତ୍ୱରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ସୁରକ୍ଷା ଦେବାପାଇଁ ପୋଲିସର ସହାୟତା କରିଥିଲେ।

## ଅଗ୍ନିପଥ ପାଇଁ କଂଗ୍ରେସର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

ଖୋର୍ଦ୍ଧା, (ପିଏନ): ସୋମବାର ଦିନ ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଶାଂିପୂର୍ଣ୍ଣ ଭାବେ ଅଗ୍ନିପଥ ଯୋଜନାକୁ ବିରୋଧ କରି ବେଗୁନିଆ ବ୍ଲକ କାର୍ଯ୍ୟାଳୟ ଆଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନୋମୁଖି କାର୍ଯ୍ୟ ଉପରେ ବିକ୍ଷୋଦଗାର କରି ପ୍ରତ୍ୟାହୃତ କରିବା ଉଦ୍ଦେଶ୍ୟରେ ଧାରଣାରେ ବସିଥିଲେ । ଅଗ୍ନିପଥ ଯୋଜନାରେ ଯୁବକ ମାନେ ଯୋଗ ଦେଇ ୪ ବର୍ଷ ପରେ ୭୫ ଭାଗ ଅବସର ଦେଇ ସେମାନଙ୍କୁ ପେନସନ ବାବଦକୁ ସମସ୍ତ ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

## ରଣପୁର କଂଗ୍ରେସ ପକ୍ଷରୁ ଅଗ୍ନିପଥକୁ ବାତିଲ କରିବା ଦାବିରେ ସତ୍ୟାଗ୍ରହ ଓ ଧାରଣା




ରଣପୁର,(ପି.ଏନ): ଅଖିଳ ଭାରତୀୟ କଂଗ୍ରେସ କମିଟି ଡ଼ାକରାରେ ଓଡିଶା ପ୍ରଦେଶ କଂଗ୍ରେସକମିଟି ନିର୍ଦ୍ଦେଶ କ୍ରମେ ରଣପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ଦଳପକ୍ଷରୁ ରଣପୁର ପଞ୍ଚୁଦୋଳ ପଡିଆ ରଘୁଦିବାକର ବମଣ୍ଡପଠାରେ କଂଗ୍ରେସ ଯୁବନେତା ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଦିନିକିଆ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଅଛି। ଛାତ୍ର ,ଯୁବକ,ତଥା ବେକାର ଯୁବକମାନଙ୍କ ସହ ଏକ ଦୀର୍ଘସ୍ଥାୟୀ ପ୍ରତାରଣା ମୂଳକ ଯୋଜନା ଅଗ୍ନିପଥକୁ ବାତିଲ କରିବା ।ଦେଶର ସମସ୍ତ ନିଯୁକ୍ତି କ୍ଷମ ଯୁବକ ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି, ନିଯୁକ୍ତି କ୍ଷେତ୍ରରେ ସମସ୍ତ ଠିକା ବ୍ୟବସ୍ଥା ବାତିଲ,ଦେଶର ସାର୍ବଭୌମକୁ ସୁରକ୍ଷିତ ରଖିବା ପାଇଁ ଦେଶର ଭବିଷ୍ୟତ ଯୁବପିଢ଼ି ସହିତ ପ୍ରତାରଣା ନ କରିବା ପାଇଁ ଦାବି କରିଥିଲେ ।ଏହି ସତ୍ୟାଗ୍ରହରେ, ରଣପୁର ବାର ଆସୋସିଏସନର ସମ୍ପାଦକ ସତ୍ୟରଞ୍ଜନ ମତ୍ତା,ନୟାଗଡ ଜିଲ୍ଲା ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର୍ ଆବୁବକର ସିଦ୍ଦିକ, କିଷାନ ସେଲ ସଭାପତି ଧ୍ରୁବଚ୍ଚରଣ ପରିଡା,ମହିଳା କଂଗ୍ରେସ ସଭାପତି ପ୍ରତିମା ଜେନା,ଜିଲ୍ଲା ଉପସଭାପତି ଶତ୍ରୁଘନ ପାଇକରାଏ,ଜିଲ୍ଲା ସାଧାରଣ ସମ୍ପାଦକ ବାଳକୃଷ୍ଣ ଷଡ଼ଙ୍ଗୀ, ବରିଷ୍ଟ ନେତା ଭିକାରି ପାତାଳ ସିଂ, ଉପସଭାପତି ମଦନ ବିଶୋଇ,ଅନିଲ ପରିଡା,ଯୁବନେତା ପ୍ରକାଶ ଚନ୍ଦ୍ର ନାୟକ,ଉମେଶ ସାହୁ,ହୃଦାନନ୍ଦ କାଣ୍ଡି, ଗୋପାଳ ଖୁଣ୍ଟିଆ,ପ୍ରଭାତ ମହାନ୍ତି, କୃଷ୍ଣ ସେଠି, ସୁଦର୍ଶନ ପ୍ରଧାନ,ବାସୁଦେବ ପ୍ରଧାନ, ବୁଲୁ ନାୟକ,ଲକ୍ଷ୍ମୀଧର ନାୟକ, ସ୍ୱର୍ଣ୍ଣଲତା ରଥ, ରାହୁଲ ପଟ୍ଟନାୟକ, କୁଶ ସାମନ୍ତରାୟ,ପାଣ୍ଡବ ନାୟକ,ପ୍ରମୁଖ ସାମିଲ ହୋଇ ଏହାକୁ ତୀବ୍ର ବିରୋଧ କରିଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Tuesday June 28, 2022 ଭୁବନେଶ୍ୱର ମଙ୍ଗଳବାର, ଜୁନ ୨୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସୁମନ ସୌରଭଙ୍କ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,(ପି.ଏନ): କିଟ୍‌ର ପୁରାତନ ଛାତ୍ର ତଥା ଆଇଏଏସ୍ ଅଧିକାରୀ ସୁମନ ସୌରଭ ମହାନ୍ତିଙ୍କ ଲିଖିତ ପୁସ୍ତକ 'ଆକ୍ ସିଭିଲ୍ ସର୍ଭିସେସ୍ ଏକ୍‌ଜାମିନେସନ୍‌ସ ଉଇଥ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ୍ ଥ୍ରୁ ମଡେଲ୍ କ୍ୱେଶ୍ଚିନ୍ ଆନ୍‌ସରସ୍'କୁ କନ୍ଧମାଳ ସାଂସଦ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଉନ୍ମୋଚନ କରିଛନ୍ତି। ପୁସ୍ତକକୁ ଉନ୍ମୋଚନ କରି ଶ୍ରୀ ସାମନ୍ତ କହିଲେ, ଏହା କିଟ୍ ପାଇଁ ଗୌରବର ବିଷୟ। କାରଣ କିଟ୍‌ର ଜଣେ ଛାତ୍ର ନିଜ ଅଧ୍ୟବସାୟ ବଳରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇ ମଧ୍ୟ ବହୁ ବ୍ୟସ୍ତତା ମଧ୍ୟରେ ଥାଇ ଅନ୍ୟ ଆଇଏଏସ୍ ଆକାଂକ୍ଷୀ ପିଲାଙ୍କ ପାଇଁ ବହି ଲେଖିବା କଷ୍ଟକର କାମ। ତଥାପି ସୁମନ ଏହା କରି ଦେଖାଇ ପାରିଛନ୍ତି। ସେଥିପାଇଁ ଶ୍ରୀ ସାମନ୍ତ ସୁମନଙ୍କୁ ଧନ୍ୟବାଦ ଜଣାଇଥିଲେ। ସୁମନ ସୌରଭ ନିଜ ପୁସ୍ତକ ସମ୍ପର୍କରେ ସୂଚନା ଦେବା ସହ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା ଓ ଆଶୀର୍ବାଦ ଯୋଗୁଁ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି କହିଥିଲେ। ପୁସ୍ତକରେ ୟୁପିଏସ୍‌ସି, ଓପିଏସ୍‌ସି, ଅନ୍ୟାନ୍ୟ ସିଭିଲ୍ ସର୍ଭିସେସ୍ ପରୀକ୍ଷା ପାଇଁ ସରଳ ସମାଧାନ ପ୍ରଦାନ କରିଛନ୍ତି ସୁମନ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ସୁମନ ସୌରଭଙ୍କ ପତ୍ନୀ ଆଇଏଏସ୍ ନମାମୀ, ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ଚୂଡ଼ାମଣୀ, ସୁମନଙ୍କ ପିତାମାତା ଓ କିଟ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଧଗୋଠ ଗ୍ରାମରେ ରଥଯାତ୍ରା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି

ଭଗାମୁଣ୍ଡା,(ପି.ଏନ):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ଗ୍ରାମ ପଂଚାୟତର ଧଗୋଠ ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଲାଗି ପ୍ରସ୍ତୁତି ଚୁଡାନ୍ତପର୍ଯ୍ୟାୟରେ ପହଂଚିଛି। ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜିଉଙ୍କ ଘୋଷଯାତ୍ରା ତିଥିରେ ଏହି ଏଠାରେ ରଥଯାତ୍ରା ଆୟୋଜିତ ହେବ ବୋଲି ଆୟୋଜକ ଗୋପାଳଜୀଉ ମନ୍ଦିର କମିଟିର ସଭାପତି ବଲ୍ଲଭ ମହାନ୍ତ, ସମାଜସେବୀ ରଂଜିତ ବେହେରା, ପରୀକ୍ଷିତ ମହାନ୍ତ, ଧଗୋଠ ଭାଗବତ ମଣ୍ଡଳୀର କର୍ମକର୍ତ୍ତା ଏବଂ ରଥ ମରାମତି କରୁଥିବା ମାୟାଧର ମହାନ୍ତପ୍ରମୁଖ ପ୍ରକାଶ କରିଛନ୍ତି । ୧୯୮୭ ମସିହା ଠାରେ ଆରମ୍ଭ ହୋଇଥିବା ଏହି ଧଗୋଠ ଗ୍ରାମରେ ରଥଯାତ୍ରା କରୋନା ମହାମାରୀ ପାଇଁ ଦୀର୍ଘ ଦୁଇବର୍ଷ ହେଲା ରଥଯାତ୍ରା ବନ୍ଦ ହୋଇଥିବା ବେଳେ ଚଳିତ ବର୍ଷ ଧୁମ୍‌ଧାମରେ ପାଳିତ ହେବ ବୋଲି ଗ୍ରାମବାସୀ ଏବଂ ୱାର୍ଡମେମ୍ବର ନନ୍ଦିନୀ ମୁଣ୍ଡା ପ୍ରକାଶ କରିଛନ୍ତି । ଏହି ଘୋଷଯାତ୍ରାରେ ଗଜପତି ଭାବେ ଠାକୁରଙ୍କ ସେବକ ଧନେଶ୍ୱର ବେହେରା ଛେରାପହଁରା କରିବେ । ୨୯ ତାରିଖରେ ଠାକୁରଙ୍କ ନବଯୌବନ ଦର୍ଶନ, ୧ ତାରିଖରେ ଶ୍ରୀଗୁଣ୍ଡିଚା ରଥଯାତ୍ରା, ୫ ତାରିଖରେ ହେରା ପଞ୍ଚମୀ, ୬ ତାରିଖରେ ରଥ ଦକ୍ଷିଣ ମୋଡ, ୯ ତାରିଖରେ ବାହୁଡା ଯାତ୍ରା, ୧୦ ତାରିଖରେ ସୁନାବେଶ ଏବଂ ୧୧ ତାରିଖରେ ନିଳାଦ୍ରୀ ବିଜେ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଗୋପାଳଜୀଉ ମନ୍ଦିର କମିଟି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ସର୍ବଭାରତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ 'ଆହ୍ୱାନ'କୁ ମିଳିଲା ପୁରସ୍କାର




ଯାଜପୁର,(ପି.ଏନ): ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ଆହ୍ୱାନକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ସ୍ତରିୟ ସଡ଼କ ସୁରକ୍ଷା ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ ପୁରସ୍କୃତ କରାଯାଇଅଛି । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଏହି କ୍ଷୁଦ୍ର ଚଳଚ୍ଚିତ୍ର ସମାରୋହ ସଡକ୍ ସୁରକ୍ଷା ଉପରେ ଆହ୍ୱାନ କରାଯାଇଥିଲା। ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଚଳଚ୍ଚିତ୍ର ଏହି ମହୋତ୍ସବରେ ଭାଗ ନେଇଥିଲେ। ସେଥି ମଧ୍ୟରୁ ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆହ୍ୱାନ ପକ୍ଷରୁ 'ଥ୍ୟାଙ୍କ୍ୟୁ ବାବା' କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଚୟନ କରାଯାଇ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ମୁରଲିଧରନ୍, ପରିବହନ ବିଭାଗ ସଚିବ ଅରୁନ ବୋଥ୍ରା, ପୋଲିସ୍ ଡ଼ିଜି ସୁନିଲ୍ ବଂସଲ୍, ଛତିଶଗଡ଼ର ଡିଜିପି, ପୁରୀ ଜିଲ୍ଲାପାଳ ସହ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ବହୁ ଅତିଥି ଏହି ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ତଥା ରାଜ୍ୟର ବାହାରୁ ପ୍ରାୟ ୬ଟି ରାଜ୍ୟର ବିଭିନ୍ନ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସାରା ରାଜ୍ୟ ତଥା ଦେଶରେ ସଡ଼କ ଦୁର୍ଘଟଣା ବହୁଳ ପରିମାଣରେ ହେଉଥିବାରୁ ତାହାକୁ ରୋକାଯିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଏହି ପ୍ରତିଯୋଗୀତା କରାଯାଇଥିଲା। ପୁରସ୍କୃତ ଆହ୍ୱାନ ପରିବାର ଦ୍ୱାରା ପ୍ରଦତ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ବିଶ୍ୱଜିତ ସାହୁ ଦେଇଥିବା ବେଳେ, ଏନ୍‌ପ୍ରିୟଦର୍ଶନୀ ସାହୁ, ସୌମ୍ୟଜିତ ସାହୁ, ଅକ୍ଷୟ ଚରଣ ପୃଷ୍ଟି ପ୍ରମୁଖ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଯାଜପୁରର ଅନୁଷ୍ଠାନକୁ ସର୍ବଭାରତୀୟ ସ୍ତରରେ ପରସ୍କାର ମିଳିଥିବାରୁ ତାଙ୍କୁ ଯାଜପୁରର ପୂର୍ବତନ ପୌରାଧକ୍ଷ ଭବପ୍ରକାଶ ଦାସ, ଉପ-ପୌରପାଳ ସନ୍ତୋଷ ମଲ୍ଲିକ, ବିରଜା କ୍ଷେତ୍ର ବିକାଶ ପରିଷଦର ସଭାପତି ତପନ ମହାରଣ୍ୟ ଶର୍ମା, ସମାଜସେବୀ ହୃଷିକେଶ ପତି, ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ସଭାପତି ଡା. ରାଜକିଶୋର ପଣ୍ଡା, ସମାଜସେବୀ ତରୁଣ ନନ୍ଦ, ପାଣ୍ଡବ ସାହୁ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସାମ୍ବାଦିକ ଦିଲ୍ଲୀପ ଦାଶ, ବିରଜା କ୍ଷେତ୍ର କଳାକାର ମଂଚର ସଭାପତି ପଂଚାନନ ପାଣି ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର କାମାନ କରିଥିଲେ। ଅନୁଷ୍ଠାନକୁ ପୁରସ୍କାର ବାବଦରେ ୨୫ ହଜାର ଟଙ୍କାର ଏକ ଚେକ୍ ରାଜ୍ୟ ସରକାର ପ୍ରଦାନ କରିଥିଲେ।

## ସମବାୟ ସମିତିର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ, ୩ଟି ପ୍ୟାକ୍ସର ୨୧ ପ୍ରାର୍ଥୀ ବିଜୟୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକର ୧୩ଗୋଟି ସମବାୟ ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦ ଗୋଟି ସମବାୟ ସମିତର ନିର୍ବାଚନ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ୩ଟି ସମବାୟ ସମିତିର ୨୧ ଗୋଟି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ଚୋରମୁହାଁ ସମବାୟ ସମିତିର ୩ ଗୋଟି ନିର୍ଦ୍ଦେଶକ ପଦବୀରେ ଜୋନ ନଂ-୧୦ରୁ ଶ୍ୟାମସୁନ୍ଦର ସ୍ୱାଇଁ, ୧୧ନଂ ଜୋନରେ ଧର୍ମଗୁଳାରେ ଅଜୟ କୁମାର ମୁଦୁଲି, ୧୩ନଂ ଜୋନରେ ଶଶିକାନ୍ତ ସାମଲ ନିର୍ବାଚିତ ହୋଇଛନ୍ତି । ମଧୁସୁଦନପୁର ସମବାୟ ସମିତିର ୮ଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ସମବାୟ ସମିତିର ୧ନଂ ଜୋନରେ ଶିଶିର କୁମାର ସ୍ୱାଇଁ, ୨ନଂ ଜୋନରେ ବୈଷ୍ଣବ ପ୍ରଧାନ, ୪ନଂ ଜୋନରେ ସୁକାନ୍ତ ଦଳାଇ, ୭ନଂ ଜୋନରେ ଜୟନ୍ତୀ ଦଳାଇ, ୯ନଂ ଜୋନରେ ରନ କୁମାର ମଲିକ, ୧୦ନଂ ଜୋନରେ ସୟ ପୃଷ୍ଟି, ୧୧ନଂ ଜୋନରେ ରମେଶ ଚନ୍ଦ୍ର ସାହୁ, ୧୨ନଂ ଜୋନରେ ରମେଶ ଚନ୍ଦ୍ର ଜେନା ନିର୍ବାଚିତ ହୋଇଛନ୍ତି । ସେହିପରି କୋଟପୁର ସେବା ସମବାୟ ସମିତିର ୧୦ ଗୋଟି ଜୋନ ପାଇଁ ନିର୍ବାଚନ ହୋଇଥିଲା।

# କେନ୍ଦୁଆ ଠାରେ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳିତ



କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ବ୍ଲକ କେନ୍ଦୁଆ ଠାରେ ବନ ବିଭାଗ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ତଥା ବନ ସୁରକ୍ଷା ସମିତି ମିଳିତ ଉଦ୍ୟମରେ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣୀ ସିଂ,ବୋଦାପଳାସା ସରପଞ୍ଚ ସୁଧାଶୁଂ ଶେଖର ନାୟକ, ବାଉରୀପଦା ସରପଞ୍ଚ ନମିତା ଦେହୁରୀ, ସଦର ରେ ଅଧିକାରୀ ବିଜୟ କୁମାର ମହାନ୍ତ, ଟାଉନ ଫରେଷ୍ଟର କାଳନ୍ଦି ଚରଣ ସାମଲ,ବେଲଦା ବିଟ୍ ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ,ସାମ୍ବାଦିକ ସୁବ୍ରତ ସ୍ୱାଇଁ,ନରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ ମହାନ୍ତି, ହେମନ୍ତମହାରଣା, ସମ୍ବାଦ ସାହିତ୍ୟ ଘର ସଦସ୍ୟ ପାର୍ଥାସାରଥି ନାୟକ ଙ୍କ ସମେତ ଭାଲୁଘର ବନ ସୁରକ୍ଷା ସମିତି ଏବଂ ଉତ୍ସର୍ଗ କ୍ଲବ ମହାଦେଇପୁର ର କର୍ମକର୍ତ୍ତା ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ବିଭିନ୍ନ କିସମର ୩୨୦୦ ଚାରା ରୋପଣ କାର୍ଯ୍ୟ ସୋମବାର ଠାରୁ ଆରମ୍ଭ ହୋଇଛି। ଗତ ବର୍ଷ ବେଲଦା ସଂରକ୍ଷିତ ଜଙ୍ଗଲର କେନ୍ଦୁଆ ଗ୍ରାମରେ ସିଏସ୍‌ଆର ସ୍କିମରେ ୩୨ ହଜାର ଚାରା ରୋପଣ କରାଯାଇଥିଲା। ତେବେ ସେଥିମଧ୍ୟରୁ ଯେଉଁ ଚାରା ଗଛ ନଷ୍ଟ ହୋଇଯାଇଥିଲା ସେହି ସ୍ଥାନରେ ଏହି ବନୀକରଣ କରାଯାଉଛି। ଏହି ବନୀକରଣରେ ଆମ୍ବ,ଜାମୁ,ପଣସ ଆଦି ଫଳ ଚାରା ଅଧିକ ଲଗାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ରେ ସହାୟକ ହୋଇପାରିବ ବୋଲି ସଦର ରେଞ୍ଜ ସୂଚନା ଦେଇଛନ୍ତି। କେନ୍ଦୁଝର ବନଖଣ୍ଡ ପକ୍ଷରୁ ଚାରା ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେନ୍ଦୁଝର ସଦର ରେଞ୍ଜ ପଦ୍ମପୁର, ଝାରବେଲଦା, ଯୋଗୀମଠ, ପଦ୍ମପୁର ନର୍ସରେ ଆଜି ଠାରୁ ୧୮ ମାସିଆ ଚାରା ବିତରଣ କରାଯିବ।

# ଶ୍ରୀ ସତ୍ୟସାଇ ପୁନର୍ବସତି ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର




ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ପଣ୍ଡୁଆସ୍ଥିତ ସାଇ ଆରୋଗ୍ୟମ ପକ୍ଷରୁ ଶ୍ରୀ ସତ୍ୟସାଇ ପୁନର୍ବସତୀ ଶିବିର (ଏସଆରଟି) ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ ଆଦି ଜିଲ୍ଲାର ରୋଗୀମାନେ ପ୍ରଶାନ୍ତି ନିଳୟମସ୍ଥିତ ସୁପର ସ୍ପେଶାଲିଟି ହସ୍ପିଟାଲ, ବାଙ୍ଗାଲୋରର ହ୍ୱାଇଟ୍ ଫିଲଡ୍ ଓ ରାଜକୋଟରେ ଥିବା ଡାକ୍ତରଖାନାରେ ପୂର୍ବରୁ ଚିକିତ୍ସିତ ହୋଇଥିଲେ। ସେମାନଙ୍କର ଭାଲବ୍ ରିପ୍ଲେସମେଂଟ୍ ଓ ପିଟିଆଇଏନଆର ପରୀକ୍ଷା କରାଯାଇଥିଲା। ପ୍ରଶାନ୍ତି ନିଳୟମର ଡା. ଜେ ନାଗେଶ୍ୱର ରାଓ ରୋଗୀମାନଙ୍କୁ ସ୍ୱତନ୍ତ୍ର ଭାବରେ କାଉନସିଲିଂ କରି ଖାଦ୍ୟ ଖାଇବାର ପକ୍ରୀୟା ଉପରେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ୧୫ଜଣ ହୃଦରୋଗୀ ଓ ୧୦ଜଣ ବିଭିନ୍ନ ରୋଗୀ ସହ ମୋଟ ୨୫ଜଣଙ୍କ ଚିକିତ୍ସା କରାଯାଇଥିଲା। ସାଇ ଆରୋଗ୍ୟମର ପ୍ରତିଷ୍ଠାତା ତଥା ରାଜ୍ୟ ସତ୍ୟସାଇ ସେବା ସଂଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମି ରଂଜନ ରାୟ, ଜିଲ୍ଲା ସତ୍ୟସାଇ ସେବା ସଂଗଠନର ସଭାପତି ଡା. ନିଶିକାନ୍ତ କର, ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ନିହାର ରଂଜନ ଖୁଂଟିଆ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦେଇଥିଲେ। ଏହି ଦିନ ଭୋର ୪.୩୦ରୁ ଓଁକାରମ୍, ସୁପ୍ରଭାତମ୍, ନଗର ପରିକ୍ରମା ଓ ସାମୁହିକ ଭଜନ କରାଯାଇଥିଲା। ଏହି ଶିବିରରେ ଅତିଥି ଭାବେ କଟକ ଜିଲ୍ଲା ସତ୍ୟସାଇ ସେବା ସଂଗଠନ ସଭାପତି ବିଚିତ୍ରାନନ୍ଦ ମହାନ୍ତି ଯୋଗଦେଇଥିବା ବେଳେ ଶିବିରକୁ ସତ୍ୟସାଇସେବା ସଂଗଠନ ଜାରକା ଆବାହକ ସୁଶାନ୍ତ କୁମାର ନାୟକ ପରିଚାଳନାରେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ବଟକୃଷ୍ଣ ମଲିକ, ପ୍ରଭାତ କୁମାର ଜେନା, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ଅଧ୍ୟାତ୍ମିକ ସଂଯୋଜକ ନିରଂଜନ ଶ୍ୟାନ୍ତି, ରଂଜନ କୁମାର ସାହୁ,ଗୋବିନ୍ଦ ଚନ୍ଦ୍ର ସାହୁ, ମଦନାନନ୍ଦ ମଲିକ, ସୁବାସ ଚନ୍ଦ୍ର ସାହୁ, ଶୁଭମ ରାଉତ, ଗଗନ ବିହାରୀ ଦତ, ଆନନ୍ଦ ଚନ୍ଦ୍ର ନାୟକ, ସୌରଭ କୁମାର ଜେନା, ପ୍ରଫୁଲ୍ଲ ଜେନା, ବାଲବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଜିଲ୍ଲା ମହିଳା ସେବା ସଂଯୋଜିକା ପ୍ରଣତି ନାୟକ, ଶୁଭ ପ୍ରିୟଦର୍ଶିନୀ ମଲିକ, ସାଗରିକା ଶ୍ୟାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲଣ ସତ୍ୟସାଇ ସେବା ସମିତି, ନିଶିମଳା ଓ ବରଜୁପୁର ଭଜନ ମଣ୍ଡଳୀର ଭାଇ ଭଉଣୀମାନେ ଭଜନ ପରିବେଷଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray